ସାପ୍ତାହିକ
Postal Regd. No.: SBP/RN-01/2022-2024
# ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 24 | 11 - 17 June 2023 | Sambalpur | Page- 8 | Invitation Price Rs.10

# ଦେବଗଡ଼ ଓ ସମ୍ବଲପୁର ଜିଲ୍ଲା ଗସ୍ତରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ




ଦେବଗଡ଼ରେ ଅନୁଷ୍ଠିତ ଗରିବ କଲ୍ୟାଣ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର: କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେବଗଡ଼ ଓ ସମ୍ବଲପୁର ଜିଲ୍ଲାଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନର ୯ ବର୍ଷର ଉପଲବ୍ଧି ଏବଂ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଭାଷଣ ଦେଇଥିଲେ । ଏହି ଅବସରରେ ଦେବଗଡ ଜିଲ୍ଲା ବିଜେପି ପକ୍ଷରୁ ବଡ଼ବଗିଚା ଠାରେ ଆୟୋଜିତ ଗରିବ କଲ୍ୟାଣ ସମାବେଶରେ ଉଦ୍‌ବୋଧନ ଦେଇ ଶ୍ରୀ ପ୍ରଧାନ ଓଡିଶା ଭଳି ପଛୁଆ ରାଜ୍ୟକୁ ମୋଦି ସରକାର ପୂର୍ବୋଦୟ ଯୋଜନାରେ ଗରିବ କଲ୍ୟାଣ ପ୍ରୟୋଗଶାଳା ଭାବେ ଦାୟିତ୍ୱ ନେବା ସହ ଏକ ତୁଳନାତ୍ମକ ହିସାବ ପ୍ରଦାନ କରିଥିଲେ ।

ଦେବଗଡ଼ ଜିଲ୍ଲା ବିଜେପି ସଭାପତି ଅରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ସମ୍ବଲପୁର ସାଂସଦ ନିତେଶ ଗଙ୍ଗଦେବ, ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇ କେନ୍ଦ୍ରର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିବା ସହ ସେମାନେ ହାତକୁ ନେଇଥିବା ବିଭିନ୍ନ କାର୍ଯ୍ୟ ଉପରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ଟଙ୍କଧର ତ୍ରିପାଠୀ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ, ଅଗସ୍ତି ବେହେରା, ତିଳେଇବଣି ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ, ଉପାଧକ୍ଷା ଆରତୀ ପ୍ରଧାନ, ପୌର ପରିଷଦ ଉପାଧକ୍ଷ ପ୍ରଜିତ ଭୋଜ, ଦଳୀୟ କାଉନସିଲର, ମଣ୍ଡଳ ସଭାପତି, ଭାରତ ଭୂଷଣ ପ୍ରଧାନ, ସଙ୍ଗିକାନ୍ତ ଦାଶ, ରଞ୍ଜିତ ପଟେଲ, ଯୋଗେଶ ପ୍ରଧାନ, ସତ୍ୟ ନାରାୟଣ ପାଣି, ସନ୍ତୋଷ ଭୂତିଆ, ମୋତିଲାଲ ଶର୍ମା, ଦିବ୍ୟ ଖୁଣ୍ଟିଆ ପ୍ରମୁଖ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ । ପରେ ଶ୍ରୀ ପ୍ରଧାନ ସମ୍ବଲପୁର ଜିଲ୍ଲା ଗସ୍ତରେ ଆସି ଜମନକିରାରେ ପହଞ୍ଚିଲା ପରେ ତାଙ୍କୁ ବିଜେପିର ଜିଲ୍ଲା ସଭାପତି ଶ୍ରୀ ଗିରିଶ ପଟେଲଙ୍କ ନେତୃତ୍ୱରେ ଦଳୀୟ କର୍ମୀ ଓ ଜନସାଧାରଣଙ୍କ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶ୍ରୀ ପ୍ରଧାନ ଜମନକିରା ବ୍ଲକର ଫାଶୀମାଳ ଠାରେ ବିଜେପିର ପୁରାତନ କାର୍ଯ୍ୟକର୍ତ୍ତାଙ୍କ ଏକ ବୈଠକରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ଯୋଜନା ବାବଦରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ପୁନର୍ବାର କ୍ଷମତାକୁ ଆଣିବା ପାଇଁ ଆହ୍ୱାନ ଦେଇଥିଲେ । ସେହିପରି ଶ୍ରୀ ପ୍ରଧାନ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକର ଟାମ୍ପରକେଲା ଠାରେ ଏକ ଗରିବ କଲ୍ୟାଣ ସମାବେଶରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ ।

## ମୋଦୀ ସରକାରଙ୍କ ୯ ବର୍ଷର ଉପଲବ୍ଧିର ଦେଲେ ହିସାବ



ଦେବଗଡ଼ରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା



ଫାଶୀମାଳ ଠାରେ ଦଳର ପୁରାତନ କର୍ମକର୍ତ୍ତାମାନଙ୍କ ସହ

# ବେଦାନ୍ତ ସପକ୍ଷରେ ଓଇଆର୍‌ସି ଦେଇଥିବା ନିର୍ଦ୍ଦେଶନାମା ରଦ୍ଦ

ଭୁବନେଶ୍ୱର: ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ୨୦୨୧ ଅକ୍ଟୋବର ୫ ତାରିଖରେ ବହୁ ରାଷ୍ଟ୍ରୀୟ କଂପାନି ବେଦାନ୍ତକୁ ଦେଇଥିବା ନିର୍ଦ୍ଦେଶନାମା ବଦଳାଇଛନ୍ତି । ଫଳରେ ୨୦୧୨ରେ ସ୍ୱାକ୍ଷରିତ ବିଦ୍ୟୁତ କିଣା ଚୁକ୍ତି (ପିପିଏ) ଅନୁଯାୟୀ ବେଦାନ୍ତ ରାଜ୍ୟ ସରକାରଙ୍କ ଗ୍ରିଡ୍‌କୁ ଧାର୍ଯ୍ୟ କୋଟା (ବାର୍ଷିକ ୬୧୨ ମେଗାୱାଟ୍ ବା ୫୦୪୦ ନିୟୁତ ୟୁନିଟ୍)ର ବିଦ୍ୟୁତ ଯୋଗାଇବାରେ ଆଉ ଆଇନଗତ ପ୍ରତିବନ୍ଧକ ଉପୁଜିବ ନାହିଁ । ଉପଭୋକ୍ତାଙ୍କ ସ୍ୱାର୍ଥର ଦ୍ୱାହି ଦେଇ ତଥା ସରକାରଙ୍କ ପ୍ରଚ୍ଛନ୍ନ ସମର୍ଥନରେ ଓଇଆରସି ବେଦାନ୍ତକୁ ଯେଉଁଳି ବାର୍ଷିକ ୧୨୫୦ କୋଟି ଟଙ୍କାର ଅଯାଚିତ ଫାଇଦା ଟେକି ଦେଇଥିଲେ, ସେଥିରୁ ଓହରି ଆସିଛନ୍ତି ।

୨୦୦୬ ମସିହା ଜୁନ୍ ୨୯ ତାରିଖରେ ବେଦାନ୍ତ କଂପାନି ଝାରସୁଗୁଡାଠାରେ ୬ଶହ ମେଗାୱାଟ ଉତ୍ପାଦନ କ୍ଷମତାର ୪ଟି ୟୁନିଟ୍ (ମୋଟ ୨୪୦୦ ମେଗାୱାଟ୍) ସ୍ୱାଧୀନ ତାପଜ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର (ଆଇପିପି) ପ୍ରତିଷ୍ଠା କରିଥିଲା । ରାଜ୍ୟ ସରକାର ଏଥିପାଇଁ ସୁଲଭ ମୂଲ୍ୟରେ ଜମି, ପାଣି,କୋଇଲା, ଜଙ୍ଗଲ ମଞ୍ଜୁରି ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ସହାୟତା ପ୍ରଦାନ କରିଥିଲେ । ଏଥିପାଇଁ ରାଜ୍ୟ ସରକାର ଏବଂ ବେଦାନ୍ତ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ପ୍ରତିବଦଳରେ ବେଦାନ୍ତ ୮୫% ପ୍ଲାଣ୍ଟ ଲୋଡ୍ ହିସାବରେ ବେଦାନ୍ତ ପ୍ରତିବର୍ଷ ରାଜ୍ୟକୁ ଉତ୍ପାଦିତ ବିଦ୍ୟୁତର ୩୦ ଭାଗ (ବାର୍ଷିକ ୫୦୪୦ ନିୟୁତ ୟୁନିଟ୍) ଯୋଗାଇବ । ୨୦୧୨ରେ ଗ୍ରି ସହିତ ପିପିଏ ସ୍ୱାକ୍ଷରିତ ହୋଇଥିଲା । ନିଜେ ଓଇଆରସିବି ୨୦୧୩ ମସିହାରେ ଏହାକୁ ଅନୁମୋଦନ କରିଥିଲେ । ଏଥିରେ ସ୍ପଷ୍ଟ ଭାବେ କୁହାଯାଇଥିଲା ଯେ ବେଦାନ୍ତର ଗୋଟିଏ ୟୁନିଟ୍ ରାଜ୍ୟ ପାଇଁ ଉତ୍ସର୍ଗୀକୃତ ରହିବ । ତେବେ ପିପିଏ ଅନୁଯାୟୀ କମ୍ପାନି କେବେ ବି ଗ୍ରିଡ୍‌କୁ ଧାର୍ଯ୍ୟ କୋଟାର ବିଦ୍ୟୁତ ଦେଇ ନ ଥିଲା । ସେପଟେ ଗ୍ରିଡ୍‌କୋ ତଥା ସରକାର ମଧ କୌଣସି ଆପତ୍ତ ନ ଉଠାଇ ନିରବ ରହିଥିଲେ । ଏପରିକି କୌଣସି ବର୍ଷ ବିଦ୍ୟୁତ୍ ଶୁଳ୍କ ଧାର୍ଯ୍ୟ ଲାଗି ଜନ ଶୁଣାଣି ବେଳେ ଆୟୋଗ ଏଭଳି ଖିଲାପର ନିରାକରଣ ଦିଗରେ ଯଥୋଚିତ ଦୃଷ୍ଟି ଦେଇ ନ ଥିଲେ । ଅନ୍ୟପକ୍ଷରେ ଏଭଳି ଜିଲାପଣରୁ ଫାଇଦା ଉଠାଇବାକୁ ବେଦାନ୍ତ ୨୦୧୫ରେ କାରସାଦି ଆରମ୍ଭ କରିଥିଲା । କମ୍ପାନି ଏହାର ଝାରସୁଗୁଡ଼ାସ୍ଥିତ ସମ୍ପ୍ରସାରିତ ଆଲୁମିନିୟମ୍ ପ୍ଲାଣ୍ଟ ପାଇଁ ଅଧିକ ବିଦ୍ୟୁତ୍ ଆବଶ୍ୟକ ହେଉଥିବା ଦର୍ଶାଇ ରାଜ୍ୟ ପାଇଁ ଉତ୍ସର୍ଗୀକୃତ ୟୁନିଟ୍- ୨ ସମେତ ସମସ୍ତ ୪ଟି ଯାକ ୟୁନିଟ୍‌କୁ ନିଜସ୍ୱ ବିଦ୍ୟୁତ୍ କେନ୍ଦ୍ର (ସିଜିପି)ରେ ପରିଣତ କରିବାକୁ ଓଇଆର୍‌ସିରେ ଆବେଦନ କରିଥିଲା । ଆୟୋଗର ତତ୍କାଳୀନ ଅଧକ୍ଷ ସତ୍ୟ ପ୍ରକାଶ ନନ୍ଦ ବେଦାନ୍ତ ଆବେଦନକୁ ପୁଙ୍ଖାନୁପୁଙ୍ଖ ତର୍ଜମା କରିବା ପରେ ପିପିଏ ସର୍ତ୍ତ ଅନୁଯାୟୀ ରାଜ୍ୟ କୋଟା କେବେ ବି ପ୍ରଭାବିତ ହେବ ନାହିଁ ବୋଲି ୨୦୧୬ ଜାନୁଆରି ୨୭ରେ ସ୍ପଷ୍ଟ ରାୟ ଦେଇଥିଲେ । କେବଳ ସେତିକି ନୁହେଁ, ୟୁନିଟ୍-୨ରୁ ଉତ୍ପାଦିତ ବିଦ୍ୟୁତ ଯଦି ରାଜ୍ୟ କୋଟା ପୂରଣରେ ବିଫଳ ହୁଏ, ତେବେ ସିଜିପିରୁ ଅବଶିଷ୍ଟ ବିଦ୍ୟୁତ୍ ଆସିବ ବୋଲି ଆୟୋଗ ବେଦାନ୍ତ ଠାରୁ ଲିଖିତ ପ୍ରତିଶ୍ରୁତି ଅସୁଲ କରିଥିଲେ ।

ଆୟୋଗଙ୍କ ସ୍ପଷ୍ଟ ରାୟ ସତ୍ତ୍ୱେ ବେଦାନ୍ତ ୨୦୨୨ ଯାଏ ଅର୍ଥାତ୍ ପାଖାପାଖି ୬ ବର୍ଷ ଧରି ପିପିଏକୁ ଉଲଂଘନ କରି ଧାର୍ଯ୍ୟ କୋଟାର ହାରାହାରି ମାତ୍ର ୩୬% ବିଦ୍ୟୁତ ଯୋଗାଇ ଅବଶିଷ୍ଟ ୬୪% ଅନାୟାସରେ ଫାଙ୍କି ଚାଲିଥିଲା । ପିପିଏର ଖୋଲା ଉଲଂଘନ କରି ଆସୁଥିବା ବେଦାନ୍ତ ବିରୋଧରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନନେଇ ଗ୍ରିଡ୍‌କୋ, ସରକାର ଓ ସର୍ବୋପରି ଆୟୋଗ ନିରବ ରହିବା ଘଟଣା ଶକ୍ତି ସମୀକ୍ଷକମାନଙ୍କୁ ବିସ୍ମିତ କରିଥିଲା । ଏପରିକି ଏହା ପଛରେ ବଡ଼ ଧରଣର କେଳେଙ୍କାରୀ ସନ୍ଦେହ ଦୃଢୀଭୂତ ହୋଇଥିଲା । ଏହାର ପ୍ରଭାବ ମଧ ଉପଭୋକ୍ତାଙ୍କ ଉପରେ ପଡ଼ିଲା । ରାଜ୍ୟର ଆବଶ୍ୟକ ଚାହିଦା ପୂରଣ ପାଇଁ ଗ୍ରିଡ୍‌କୋ ଅଧିକ ଦରରେ ଅନ୍ୟାନ୍ୟ ସୂତ୍ରରୁ ବିଦ୍ୟୁତ କିଣିବାକୁ ବାଧ ହେଲା ଓ ବର୍ଦ୍ଧିତ ବିଦ୍ୟୁତ୍ ଦର ବୋଝ ଉପଭୋକ୍ତା ମୁଣ୍ଡାଇଲେ । ସବୁଠାରୁ ବଡ଼ କଥା ହେଲା, ୨୦୨୧ ଅକ୍ଟୋବର ୫ ତାରିଖ ଦିନ ଆୟୋଗ ଏଭଳି ଗୋଟିଏ ନିର୍ଦ୍ଦେଶ ଦେଲେ, ଯାହା ସମଗ୍ର ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା ।

ଅବଶିଷ୍ଟାଂଶ ୭ମ ପୃଷ୍ଠାରେ

## ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୁରିନାମର ସର୍ବୋଚ୍ଚ ନାଗରିକ ସମ୍ମାନ



ନୂଆଦିଲ୍ଲୀ: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁରିନାମର ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ରିପବ୍ଲିକ ଅଫ୍ ସୁରିନାମର ରାଷ୍ଟ୍ରପତି ଚନ୍ଦ୍ରିକା ପ୍ରସାଦ ସନ୍ତୋଖୀ ନିଜ ସମକକ୍ଷ ଦ୍ରୌପଦୀ ମୁର୍ମୁଙ୍କୁ 'ଦ ଗ୍ରାଣ୍ଡ ଅର୍ଡର ଅଫ୍ ଦ ଚେନ୍ ଅଫ ୟେଲୋ ଷ୍ଟାର' ସମ୍ମାନ ପ୍ରଦାନ କରିଛନ୍ତି । ରାଷ୍ଟ୍ରପତି ମୁର୍ମୁ ଏହି ସମ୍ମାନ ପାଇଥିବା ଭାରତର ପ୍ରଥମ ନାଗରିକ ହୋଇଛନ୍ତି ।

## ଏମ୍‌ସିଏଲର ନୂତନ ବୈଷୟିକ ନିର୍ଦ୍ଦେଶକ



ବୁର୍ଲା: ଏମ୍‌ସିଏଲର ବୈଷୟିକ ନିର୍ଦ୍ଦେଶକ (ଯୋଜନା ଓ ପ୍ରକଳ୍ପ) ରୂପେ ଅକ୍ଷୟ ଶ୍ରୀକାନ୍ତ ବାପତ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ଶ୍ରୀ ବାପତ କୋଲ ଇଣ୍ଡିଆ ମୁଖ୍ୟାଳୟର ପରିବେଶ ବିଭାଗରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରୂପେ କାର୍ଯ୍ୟରତ ଥିଲେ । ସେ ଏମସିଏଲର ଉତ୍ପାଦନ ଓ ସମନ୍ୱୟ କାର୍ଯ୍ୟର ମଧ ଓଏସଡି ଥିଲେ । ଶ୍ରୀ ବାପତ ନାଗପୁର ବିଶ୍ୱବିଦ୍ୟାଳୟରୁ ମାଇନିଙ୍ଗ୍ ଇଞ୍ଜିନିୟରିଂରେ ସ୍ନାତକ ହାସଲ କରିଛନ୍ତି । କୋଲ ଇଣ୍ଡିଆରେ ତାଙ୍କର କାମ କରିବାର ୩୬ ବର୍ଷ ଅଭିଜ୍ଞତା ରହିଛି ।

## ଏ ସଂଖ୍ୟାରେ..


ଓଜନ କମାଏ ପୋଟଳ


ଶରୀର ପାଇଁ ମଟର


ଲବଙ୍ଗର ଔଷଧୀୟ ଗୁଣ


ମହିଳାଙ୍କ ପାଇଁ ଲାଭକାରୀ କସୁରୀ ମେଥି


ବାଇଗଣର ଲାଭ


ବିଟ୍‌ର ଉପକାରିତା

# ସମ୍ବଲପୁର ଜିଲ୍ଲାରେ ଶିଳ୍ପାୟନ ଯୋଗୁଁ ୨.୪୭ ଲକ୍ଷ ବୃକ୍ଷ ଧ୍ୱଂସ

ସମ୍ବଲପୁର: ଇବ୍ ଉପତ୍ୟକା ରୂପେ ବିବେଚିତ ଝାରସୁଗୁଡ଼ା ଜିଲା ଏବଂ ଏହାର ସୀମାନ୍ତରେ ଥିବା ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ବ୍ଲକ ପ୍ରଦୂଷଣର ପରୀକ୍ଷାଗାର ପାଲଟିଛି । ଇବ୍ ଉପତ୍ୟକାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଜଟିଳଭାବେ ପ୍ରଦୂଷିତ ଅଞ୍ଚଳ ବା କ୍ରିଟିକାଲି ପୋଲ୍ୟୁଟେଡ ଜୋନ୍ ରୂପେ ଚିହ୍ନଟ କରାଯାଇଛି । ଅଞ୍ଚଳରେ କଳ କାରଖାନା, ଖଣିଖାଦାନ, କ୍ରସର, ପଥରକ୍ୱାରୀ, ଚାଉଳ କଳ, ସିମେଣ୍ଟ, ଆଜବେଷ୍ଟସ, ଇଟାଭାଟି ଆଦି ପ୍ରଦୂଷଣ ସୃଷ୍ଟିକାରୀ ଶିଳ୍ପ ପ୍ରତିଷ୍ଠାନ ସଂଖ୍ୟା ପ୍ରତିଯୋଗିତା କଲା ଭଳି ବୃଦ୍ଧି ପାଉଥିବା ବେଳେ ଅନ୍ୟପଟେ ଦ୍ରୁତଗତିରେ ଜଙ୍ଗଲକ୍ଷୟ ହେଉଛି । ଫଳସ୍ୱରୂପ ପରିବେଶ ଉତ୍ତପ୍ତ ହେବା ସହ ପ୍ରଦୂଷଣ ମାତ୍ରା ଅହେତୁକ ଭାବରେ ବୃଦ୍ଧି ପାଉଛି । ଏହାର ପ୍ରଭାବରେ ମାଟି, ପାଣି, ପବନ ଏବଂ ସମଗ୍ର ଜୀବଜଗତ ତ୍ରାହିତ୍ରାହି ଡାକ ଛାଡୁଥିଲେ ବି ଶିଳ୍ପାୟନ ନିଶାରେ ମସ୍‌ଗୁଲ୍ ସରକାରଙ୍କ କାନକୁ ଏହି ଡାକ ଶୁଭୁନାହିଁ ।

ଏକ ଆକଳନରୁ ଜଣାଯାଇଛି ଯେ, ରେଙ୍ଗାଲି ଶିଳ୍ପାଞ୍ଚଳରେ ଥିବା କଳକାରଖାନାରେ ପ୍ରତିଦିନ ୧୦ହଜାର ୩ଶହ୨୦ ମେଟ୍ରିକ୍ ଟନ୍ ଉଡ଼ନ୍ତା ପାଉଁଶ ନିର୍ଗତ ହେଉଥିବା ବେଳେ ଏଥିପାଇଁ ୧୮ ହଜାର ୬ ଶହ୪୦ ମେଟ୍ରିକ୍ ଟନ୍ କୋଇଲା ଦହନ ହେଉଛି । ଏହାବ୍ୟତୀତ ଏହି ଅଞ୍ଚଳରେ ଥିବା ସ୍ପଞ୍ଜ ଆଇରନ୍ କାରଖାନାରୁ ପ୍ରତିଦିନ ୫୯୫ ମେଟ୍ରିକ୍ ଟନ୍ ଚାର୍ କୋଲ୍ ଓ ଦୂଷିତ ଧୂଳି ନିଷ୍କାସିତ ହେଉଛି । ଏହି ପ୍ରକ୍ରିୟାରୁ ନିର୍ଗତ ବିଷାକ୍ତ ରାସାୟନିକ ପଦାର୍ଥ ମିଶ୍ରିତ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରାଯାଉ ନ ଥିବା ଯୋଗୁଁ ଅଞ୍ଚଳର ମାଟି, ପାଣିପବନ ଏବଂ ଜୀବଜଗତ ଉପରେ ଭୟଙ୍କର କୁପ୍ରଭାବ ପଡୁଛି । ଅଞ୍ଚଳର ପ୍ରତ୍ୟେକ ସ୍ଥାନରେ କଳା ପାଉଁଶର ମୋଟା ଆସ୍ତରଣ ଜମାଟ ବାନ୍ଧି ରହୁଛି । ପାଉଁଶ ପୋଖରୀ ନାଁରେ ପାଉଁଶ ପାହାଡ଼ ସୃଷ୍ଟି ହୋଇଥିବାର ଦେଖିବାକୁ ମିଳୁଛି । ଏଭଳି ବଳୟରେ ଇବ୍ ଉପତ୍ୟକା ବିନାଶକାରୀ ପ୍ରଦୂଷଣ ଫଳରେ ମାଟିର ଉର୍ବରତା ନଷ୍ଟ ହେବା ସହିତ ଗଛଲତା, ଗୁଳ୍ମ ଆଦିର ବର୍ଦ୍ଧିଷ୍ଣୁ କ୍ଷମତା ହ୍ରାସ ପାଉଛି । ଏପଟେ ପ୍ରଦୂଷଣ ସମସ୍ୟା ଉତ୍କଟ ଆକାର ଧାରଣ କରୁଥିବା ବେଳେ ପରିବେଶକୁ ସୁସ୍ଥ ଏବଂ ସନ୍ତୁଳିତ କରି ରଖୁଥିବା ଜଙ୍ଗଲ ପ୍ରତିଯୋଗିତା ଭିତ୍ତିରେ ଧ୍ୱଂସ ହେବାରେ ଲାଗିଛି । ବ୍ୟବସାୟିକ ଭିତ୍ତିରେ ଜଙ୍ଗଲ ମାଫିଆମାନେ ପ୍ରତିଦିନ ଜଙ୍ଗଲରୁ ଗଛକାଟି ସହରାଞ୍ଚଳକୁ ଚାଲାଣ କରି ମାଲାମାଲ ହେଉଛନ୍ତି । ଏଥିଯୋଗୁଁ ଅଞ୍ଚଳର ଅଧିକାଂଶ ଜଙ୍ଗଲ ଲଣ୍ଡା ହେବାକୁ ବସିଲାଣି । ବନ ବିଭାଗ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ ରେଙ୍ଗାଲି ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ହୋଇଥିବା ଶିଳ୍ପାୟନ ପ୍ରକ୍ରିୟାରେ ସ୍ଥାପିତ ଭୂଷଣ ଷ୍ଟିଲ, ଆଦିତ୍ୟ ଆଲୁମିନା, ଶ୍ୟାମ ଡିଆର୍‌ଆଇ କାରଖାନା ଯୋଗୁଁ ୯୪ ହଜାର ୭ଶହ ୧୩ ବିଭିନ୍ନ ପ୍ରଜାତିର ମୂଲ୍ୟବାନ ଔଷଧୀୟ ଗୁଣ ଯୁକ୍ତ ଫଳ ଭୋଗୀ ବୃକ୍ଷ ନଷ୍ଟ ହୋଇସାରିଛି । ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ଖିଣ୍ଡା ପଞ୍ଚାୟତରେ ଚାଲିଥିବା ଏନ୍.ଏଲ୍.ସି ର ତଲାବିରା(୨) ଏବଂ (୩) କୋଇଲା ଖଣି ଯୋଗୁଁ ୧ଲକ୍ଷ ୫୩ ହଜାର ମୂଲ୍ୟବାନ୍ ଗଛ ସ୍ୱାହା ହେଲାଣି । ଅର୍ଥାତ୍ ଶିଳ୍ପାୟନ ରେ ଏପର୍ଯ୍ୟନ୍ତ ୨ ଲକ୍ଷ ୪୭ ହଜାର ୮ ଶହ ୧୩ ଟି ବିଭିନ୍ନ ପ୍ରଜାତିର ଗଛ ସ୍ୱାହା ହୋଇ ସାରିଲାଣି ବୋଲି ସରକାରୀ ହିସାବ କହୁଛି । କିନ୍ତୁ ପ୍ରକୃତରେ ଶିଳ୍ପାୟନ ପ୍ରକ୍ରିୟାରେ ଏହାର ଦୁଇଗୁଣ ଗଛ ଧ୍ୱଂସ ହୋଇଛି ବୋଲି କୁହାଯାଉଛି । ଶିଳ୍ପାୟନ ଯଜ୍ଞର ଆହୁତିରେ ଧ୍ୱଂସ ପାଇଥିବା ଜଙ୍ଗଲର କ୍ଷତିପୂର୍ତ୍ତି ବନୀକରଣ ବାବଦକୁ ଯେଉଁ ଚାରାରୋପଣ ସହ ଜଙ୍ଗଲ ସୃଷ୍ଟିର ପ୍ରୟାସ କରାଯାଇଛି ତାହାର ସ୍ଥିତି ଅତି ଦୟନୀୟ । କାରଣ ତାହାର ଅଧିକାଂଶ ଗଛ ମରିଗଲାଣି । ଯାହା ବଞ୍ଚିଛି ପ୍ରଦୂଷଣ ସମସ୍ୟା ଯୋଗୁଁ ଠିକ୍ ଭାବରେ ବଢ଼ି ପାରୁନାହିଁ । ଦୀର୍ଘବର୍ଷ ଧରି ଲୋକମାନଙ୍କ ଦ୍ୱାରା ସଂରକ୍ଷିତ ଗ୍ରାମ୍ୟ ଜଙ୍ଗଲ ଧ୍ୱଂସ ହୋଇଗଲାଣି । ଯାହାଫଳରେ ଏହାର ଲଘୁ ବନଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ ସାଧାରଣ ଆଦିବାସୀ ପରିବାରର ଜୀବନ ଜୀବିକା ବିପନ୍ନ ହୋଇଯାଇଛି । ଜଙ୍ଗଲ ଧ୍ୱଂସ ହେତୁ ଅଞ୍ଚଳର ଉତ୍ତାପ ବୃଦ୍ଧି ପାଇ ଜୈବ ବିବିଧତା ନଷ୍ଟ ହେବା ସହିତ କୃଷି, ମତ୍ସ୍ୟଚାଷ, ପଶୁପାଳନ ତଥା ପାଣିପାଗ ଆଦି କ୍ଷେତ୍ରରେ ଘୋର ବ୍ୟତିକ୍ରମ ଦେଖାଦେଉଛି । ତେବେ କେବଳ ଜଙ୍ଗଲ ଧ୍ୱଂସ ନୁହେଁ ଶିଳ୍ପାୟନ ହେତୁ ଜଳ ପ୍ରଦୂଷଣ ମଧ ଚିନ୍ତାଜନକ ଭାବେ ବୃଦ୍ଧି ପାଉଛି । ରେଙ୍ଗାଲି ବ୍ଲକରେ ଥିବା ବିଭିନ୍ନ କାରଖାନାରୁ ବିଷାକ୍ତ ରସାୟନିକ ମିଶ୍ରିତ ଜଳ ହୀରାକୁଦ ଜଳ ଭଣ୍ଡାର, ଭେଡେନ ନଦୀ ଓ ଇବ୍ ନଦୀ ଆଦିକୁ ବିଷାକ୍ତ କରୁଛି । ଏହା ପ୍ରଭାବରେ ଜଳଭଣ୍ଡାରର ମାଛ ବଂଶ ବିଲୋପ ହେବା ସହିତ ଅସଂଖ୍ୟ ଜଳଚର ଜୀବଙ୍କ ଅକାଳ ମୃତ୍ୟୁ ମଧ ହେଉଛି । ଏହି ପରିପ୍ରେକ୍ଷୀରେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ରେଙ୍ଗାଲି ଅଞ୍ଚଳ ଉତ୍ତପ୍ତ ମରୁଭୂମି ପାଲଟି ଯିବ ବୋଲି ପରିବେଶପ୍ରେମୀମାନେ ଚିନ୍ତାବ୍ୟକ୍ତ କରିଛନ୍ତି ।

## ଶିକ୍ଷକ ଧରଣୀଧର ପ୍ରଧାନଙ୍କ ସ୍ମୃତିରେ ଶୋକସଭା

ସମ୍ବଲପୁର: ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଧରଣୀଧର ପ୍ରଧାନଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ରାଧାଚରଣ ମେହେରଙ୍କ ସଭାପତିତ୍ୱ ଏବଂ ଭଗୀରଥ ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ଶୋକ ସଭାରେ ଶିକ୍ଷକ ପ୍ରେମାନନ୍ଦ ପାଢ଼ୀ, ଦୋଳଗୋବିନ୍ଦ ସାହୁ, ସିଭିଲ ନାଏକ, ହୃଷୀକେଶ ବଡ଼ାଇ, ବିହାରିଲାଲ ମହାନ୍ତି, ପ୍ରହ୍ଲାଦ ସାହୁ, ଶ୍ୟାମାପ୍ରସାଦ ପଣ୍ଡା, ସାହେବ ଖମାରୀ, ଅଚ୍ୟୁତାନନ୍ଦ ପଟେଲ, ରାମେଶ୍ୱର ପାଢ଼ୀ, କାହ୍ନୁ କିଶୋର ମିଶ୍ର, ଚିତ୍ତରଞ୍ଜନ ବଡ଼ପଣ୍ଡା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପୁରାତନ ଛାତ୍ରଙ୍କ ମଧ୍ୟରୁ ଶିବଶଙ୍କର ନନ୍ଦ, ଗୌରିଦାସ ପଧାନ, ପ୍ରତାପ ତ୍ରିପାଠୀ, ପ୍ରଣବ ଶତ୍ରୁଶଲ୍ୟ, ବିଜୟ ଜେନା, ନରେଶ ଠାକୁର, ସୁଜିତ ସାହୁ, ବିଶେଶ୍ୱର ପାଣିଗ୍ରାହୀ ପ୍ରମୁଖ ପ୍ରିୟ ଶିକ୍ଷକଙ୍କ ସ୍ମୃତିଚାରଣ କରିଥିଲେ । ଜିଲ୍ଲା ସ୍କୁଲରେ ଆୟୋଜିତ ସଭାରେ ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୌରେନ ପ୍ରଧାନ, ଶିକ୍ଷକ ଦିଲୀପ ପ୍ରଧାନ, କୁଳମଣି ଦାଶ, ଏସ କେ ନାୟକ ଓ କର୍ମଚାରୀ ରାଜକିଶୋର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଭାରତୀୟ ସଂସ୍କୃତିରେ ଜୀବନର ଚାରି ଆଧାର - ପୁରୁଷାର୍ଥ ଚତୁଷ୍ଟୟ

ମନୁଷ୍ୟ ହେଉଛି ବିଧାତାଙ୍କର ସର୍ବୋତ୍କୃଷ୍ଟ ରଚନା, ତା'ଠାରୁ ଶ୍ରେଷ୍ଠତର ଜୀବନଯାପନର ଅପେକ୍ଷା କରାଯାଇଥାଏ, ଯଦ୍ୱାରା ମାନବ ଜୀବନର ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇ ପାରିବ । ମନୁଷ୍ୟ ଏହି ଧରିତ୍ରୀକୁ କାହିଁକି ଆସିଛି, ତା'ର ଜନ୍ମର ଉଦ୍ଦେଶ୍ୟ କ'ଣ, ଜୀବନର ଲକ୍ଷ୍ୟ କ'ଣ ଏବଂ ଏହାକୁ ପ୍ରାପ୍ତ କରିବାର ସାଧନ କ'ଣ- ଜୀବନର ଏହି ଯକ୍ଷପ୍ରଶ୍ନଗୁଡ଼ିକର ଉତ୍ତର ଋଷି ଗଣ ପୁରୁଷାର୍ଥ ଚତୁଷ୍ଟୟ ରୂପେ ଦେଇଛନ୍ତି । ଏହା ଜୀବନର ସ୍ପଷ୍ଟ ଦିଶାବୋଧ କରାଇଥାଏ ଏବଂ ଏଥିରେ ନିହିତ ପ୍ରଶ୍ନଗୁଡ଼ିକର ସମାଧାନ ମଧ ଦେଇଥାଏ ।

ଯଦି ଏହା କୁହାଯାଏ ଯେ ଭାରତୀୟ ସଂସ୍କୃତିର ଭବ୍ୟ ଭବନ ପୁରୁଷାର୍ଥ ଚତୁଷ୍ଟୟର ଚାରି ସ୍ତମ୍ଭ ଉପରେ ଠିଆ ହୋଇଛି, ତେବେ କିଛି ଅତିଶୟୋକ୍ତି ହେବ ନାହିଁ । ପୁରୁଷାର୍ଥ ଚତୁଷ୍ଟୟ ଏକ ପ୍ରକାରେ ଆଧାର ଶାସ୍ତ୍ର, କର୍ତ୍ତବ୍ୟ ଶାସ୍ତ୍ର, ଜୀବନ ବଞ୍ଚିବାର କଳାର ସାଧନ ଅଟେ । ଏହା ସତ୍‌କାର୍ଯ୍ୟ କରିବା ପାଇଁ ଅନ୍ତର୍ଦୃଷ୍ଟି ଦେଇଥାଏ, ଜୀବନକୁ ଅନୁଶାସିତ କରିଥାଏ, ଉପରକୁ ଉଠିବାର ପ୍ରେରଣା ଦେଇଥାଏ ଏବଂ ଆତ୍ମାର ପରିଷ୍କାର ସଂଗେ ସଂଗେ ଜୀବନର ପରମ ଲକ୍ଷ୍ୟ ମୋକ୍ଷର ପ୍ରାପ୍ତି ସମ୍ଭବ କରାଇଥାଏ ।

ପୁରୁଷାର୍ଥ ଚତୁଷ୍ଟୟରେ ଧର୍ମକୁ ପ୍ରଥମ ସ୍ଥାନ ଦିଆଯାଇଛି ଏବଂ ଅର୍ଥ ତଥା କାମକୁ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ମିଳିଛି । ଏହାର ଅଭିପ୍ରାୟ ହେଉଛି ଅର୍ଥ ଓ କାମର ପ୍ରକ୍ରିୟା ଧର୍ମ ଉପରେ ଆଧାରିତ ହେଉ । ଆମେ ଯେଉଁ ଅର୍ଥର ଉପାର୍ଜନ କରିବା ଅଥବା କାମର ଉପଭୋଗ କରିବା, ସେ ସବୁ ଧର୍ମମୟ ହେଉ ।

ଭାରତୀୟ ସଂସ୍କୃତିରେ ଏହି ଧାରଣା ରହିଛି ଯେ ମାନବୀୟ ଜୀବନର ଉଦ୍ଦେଶ୍ୟ କେବଳ ଅର୍ଥର ଉପାର୍ଜନ ଓ କାମୋପଭୋଗ ହୋଇ ନ ପାରେ । ଧର୍ମର ଆଧାରରେ ଏକ ଉଚ୍ଚତର ଜୀବନ ଏହାର ମୌଳିକ ପ୍ରତିପାଦନ ଅଟେ, ଯଦ୍ୱାରା ବ୍ୟକ୍ତି ଓ ସମାଜ ଉଭୟରେ ସୁଖ-ଶାନ୍ତି ବ୍ୟାପ୍ତ ହୋଇ ପାରିବ । ଧର୍ମ ସଦାଚରଣ, କର୍ତ୍ତବ୍ୟ ପରାୟଣତା, ମାନବ ମୂଲ୍ୟଗୁଡ଼ିକର ଦ୍ୟୋତକ । ଧର୍ମ ସ୍ୱଅନୁଶାସିତ, ନୈତିକତାପୂର୍ଣ୍ଣ ଲୋକଯାତ୍ରା ପୂର୍ଣ୍ଣ କରିବା, ଉତ୍ତମ ଜୀବନ ବ୍ୟତୀତ କରିବା ସମ୍ବନ୍ଧୀୟ ନିୟମଗୁଡ଼ିକର ସନାତନ ସ୍ରୋତ । ଧର୍ମର ଅଭାବରେ ଅର୍ଥ ଓ କାମ ଅବନତି, ଅଶାନ୍ତି ଏବଂ ପତନର କାରଣ ହୋଇଥାଏ । ଏଣୁ ଧର୍ମ ସେହି ନିୟମଗୁଡ଼ିକର ନାମ, ଯାହାର ପାଳନ କରି ଆମେ କାମ ଓ ଅର୍ଥର ଉପଭୋଗ କରିବା ଏବଂ ଆତ୍ମିକ ସୁଖ ଓ ଶାନ୍ତିର ମାର୍ଗ ପ୍ରଶସ୍ତ କରିବା ।

ବୈଶେଷିକ ଦର୍ଶନ ଅନୁସାର ଧର୍ମ ଅଭ୍ୟୁଦୟ ଓ ନିଃଶ୍ରେୟ ଦେଇଥାଏ ଅର୍ଥାତ୍ ଲୌକିକ ଓ ପାରଲୌକିକ, ଉଭୟ ପକ୍ଷକୁ ସାଧୁଥାଏ । ଅଭ୍ୟୁଦୟ ଅର୍ଥାତ୍ ଲୌକିକ ସୁଖ, ସମୃଦ୍ଧି ଓ ସଂପନ୍ନତା ଏବଂ ନିଃଶ୍ରେୟସ ଅର୍ଥାତ୍ ଆତ୍ମିକ ଶାନ୍ତି ଓ ମୋକ୍ଷ ।

ଋଷି ପରାଶର ମହାଭାରତର ଶାନ୍ତି ପର୍ବରେ କହିଛନ୍ତି – ଧର୍ମ ରିହିଁ ବିଧିପୂର୍ବକ ଅନୁଷ୍ଠାନ କରାଯାଉ, ଯାହା କେବଳ ଏହି ଲୋକରେ ହିଁ ନୁହେଁ, ପରଲୋକରେ ମଧ କଲ୍ୟାଣକାରୀ ହୋଇଥାଏ । ଏହା ଠାରୁ ବଳି ଶ୍ରେୟର ଅନ୍ୟ କୌଣସି ସାଧନ ନାହିଁ । ଧର୍ମର ଅର୍ଥ ଧାରଣା ମଧ, ଯାହା ସମସ୍ତଙ୍କୁ ଧାରଣ କରିଥାଏ । ଧର୍ମ ଏହି ସୃଷ୍ଟିକୁ, ଏହି ଜୀବନକୁ ଧାରଣ କରିଥାଏ । ଏହି ରୂପରେ ଧର୍ମର ଅଭିପ୍ରାୟ ଶ୍ରେଷ୍ଠ ଗୁଣଗୁଡ଼ିକ ସହିତ ରହିଛି, ଯାହାକୁ ଧାରଣ କରାଯାଇଥାଏ । ମହର୍ଷି ମନୁ ଧର୍ମର ଦଶ ଲକ୍ଷଣ ରୂପେ ଏହି ସଦ୍‌ଗୁଣଗୁଡ଼ିକର ବର୍ଣ୍ଣନା କରିଛନ୍ତି । ଏହି ରୂପେ ଧର୍ମର ଆଶୟ ଉପାସନା ପଦ୍ଧତି ଠାରୁ ଅଧିକ ଶ୍ରେଷ୍ଠ ଆଚରଣ କରିବା ସହିତ ରହିଛି ।

ଯେତେବେଳେ ଅର୍ଥ ଓ କାମ ଧର୍ମମୂଳକ ହୁଏ, ଯେତେବେଳେ ବ୍ୟକ୍ତିର ଜୀବନ ସୁଖୀ ଓ ସମାଜ ସୁବ୍ୟବସ୍ଥିତ ରହେ, ସେତେବେଳେ ମୋକ୍ଷ ଫଳିତ ହୋଇଥାଏ । ଅନ୍ୟଥା ବ୍ୟକ୍ତି ଇହଲୋକ ଓ ପରଲୋକ, ଦୁଇଟିରେ ଦୁଃଖ ଭୋଗିଥାଏ ତଥା ସମାଜରେ ଅଶାନ୍ତି ଓ ଅବ୍ୟବସ୍ଥା ବ୍ୟାପ୍ତ ରହିଥାଏ । ଅର୍ଥର ଅଭିପ୍ରାୟ ଧନ, ସଂପତ୍ତି ଓ ସାଧନ ବୈଭବ ସହିତ ରହିଛି, ଯାହାର ଆଧାରରେ ମାନବୀୟ ଜୀବନର ମୂଳଭୂତ ଆବଶ୍ୟକତା ଗୁଡ଼ିକ ପୂର୍ଣ୍ଣ ହୋଇଥାଏ, ପରିବାରର ପାଳନ-ପୋଷଣ ହୋଇଥାଏ, ସମାଜର ବିକାଶ କାର୍ଯ୍ୟ ଆଗକୁ ବଢ଼ିଥାଏ । ଧନର ଅର୍ଜନ ନ୍ୟାୟ, ନୈତିକତା ତଥା ସତ୍ୟ ଉପରେ ଆଧାରିତ ହେଉ, ଯେଉଁଥିରେ ସାଧନର ଶୁଚିତା ପ୍ରତି ବିଶେଷ ଧ୍ୟାନ ରଖିବା ଆବଶ୍ୟକ ହୋଇଥାଏ । ଅଥର୍ବ ବେଦରେ ଋଷି କହିଛନ୍ତି- ଯେମିତି କେହି ନିଜ ଗୋଶାଳାକୁ ଆସିଥିବା ଗାଈମାନଙ୍କୁ ଯାଞ୍ଚ କରିଥାଏ ଯେ ଏ ସବୁ ମୋର ଅଥବା ନୁହେଁ, ସେମିତି ମୁଁ ନିଜ ପାଖକୁ ଆସିଥିବା ଲକ୍ଷ୍ମୀର ନିରୀକ୍ଷଣ କରୁଛି । ଯାହା ପୁଣ୍ୟର ଲକ୍ଷ୍ମୀ, ତାକୁ ମୁଁ ନିଜ ପାଖରେ ରଖୁଛି, କିନ୍ତୁ ଯାହା ପାପଯୁକ୍ତ, ତାକୁ ହଟାଇ ଦେଉଛି ।

ଋଗ୍‌ବେଦରେ ଋଷି କହିଛନ୍ତି ଯେ ମୁଁ ଅନ୍ୟର ରୋଜଗାରକୁ ଖାଇବି ନାହିଁ ଅର୍ଥାତ୍ ଏହା ଅନୁଚିତ ଢଙ୍ଗରେ ଅର୍ଜିତ ନ ହେଉ । ହେ ଇନ୍ଦ୍ର, ଆମକୁ ଶ୍ରେଷ୍ଠ ଧନ ଦିଅ । ଆମକୁ ନିଷ୍ଠା ଓ ସଚ୍ଚୋଟତା ଦ୍ୱାରା ଅର୍ଜିତ ଶ୍ରେଷ୍ଠ ଓ ଶୁଦ୍ଧ ଧନ ଦିଅ । ଅଥର୍ବବେଦ ଅନୁସାର ପୁଣ୍ୟ ଦ୍ୱାରା ଅର୍ଜନ କରାଯାଇଥିବା ଧନ ହିଁ ମୋ ଘରର ଶୋଭା ବଢ଼ାଉ ।

ମହାଭାରତର ଶାନ୍ତିପର୍ବରେ ସଚ୍ଚା ଧନ ଉପରେ ଚର୍ଚ୍ଚା କରି କୁହାଯାଇଛି ଯେ ଧର୍ମର ପାଳନ କରି ଯେଉଁ ଧନ ଅର୍ଜନ କରାଯାଏ, ତାହା ସଚ୍ଚା ଧନ ଅଟେ । ଯାହା ଅଧର୍ମ ଦ୍ୱାରା ପ୍ରାପ୍ତ ହୋଇଥାଏ, ସେହି ଧନ ତ ଧିକ୍କାର କରିବା ଯୋଗ୍ୟ । ସଂସାରରେ ଧନର ଇଚ୍ଛାରେ ଶାଶ୍ୱତ ଧର୍ମର ତ୍ୟାଗ କେବେହେଲେ କରିବା ଅନୁଚିତ ।

ମହାନ୍ ନୀତିଜ୍ଞ ଚାଣକ୍ୟ ବର୍ଜିତ ଧନ ସମ୍ବନ୍ଧରେ ଆଲୋକପାତ କରି କହିଛନ୍ତି- ଯେଉଁ ଧନ ଅନ୍ୟମାନଙ୍କୁ ପୀଡ଼ା ବା ହାନି ପହଞ୍ଚାଇ, ଧର୍ମର ଉଲଂଘନ କରି ଏବଂ ଶତ୍ରୁ ସମ୍ମୁଖରେ ମୁଣ୍ଡ ନୁଆଁଇ ପ୍ରାପ୍ତ ହୋଇଥାଏ, ସେହି ଧନ ମୋତେ ଦରକାର ନାହିଁ । ଅନ୍ୟାୟରେ ଯଦି କାହାର ଅନ୍ନ ଟିକିଏ ବି ନିଆଯାଏ ତ ତାହା ଦୁଃଖଦାୟକ ହୋଇଥାଏ ।

ଏଥିପାଇଁ ଚାଣକ୍ୟ କହିଛନ୍ତି – ମାତୃବତ୍ ପରଦାରେଷୁ ପରଦ୍ରବ୍ୟେଷୁ ଲୋଷ୍ଟବତ୍ ।

ଆତ୍ମବତ୍ ସର୍ବଭୂତେଷୁ ଯଃ ପଶ୍ୟତି ସ ପଶ୍ୟତି ।

ଅର୍ଥାତ୍ ଯିଏ ପର ସ୍ତ୍ରୀକୁ ମାତା ସମାନ, ପର ଧନକୁ ମାଟି ଟେଳା ସମାନ ଓ ସମସ୍ତ ପ୍ରାଣୀଙ୍କୁ ନିଜ ସମାନ ଦେଖୁଥାଏ, ସେ ହିଁ ଦେଖୁଥାଏ । ଉପନିଷଦ୍‌ରେ- ତେନ ତ୍ୟକ୍ତେନ ଭୁଞ୍ଜୀଥା ଅର୍ଥାତ୍ ତ୍ୟାଗ ପୂର୍ଣ୍ଣ ଭୋଗକୁ ଜୀବନର ଆଦର୍ଶ କୁହାଯାଇଛି । କାମ ସୃଷ୍ଟିର ମୂଳ କାରଣ, ମନୁଷ୍ୟର ସ୍ୱାଭାବିକ ଏବଂ ଜନ୍ମଜାତ ପ୍ରବୃତ୍ତି । ସନ୍ତାନୋତ୍ପତ୍ତି, ମାନବ ଜାତିର ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ କାମ ଆବଶ୍ୟକ । ଏହି ରୂପରେ ଏହା ଏକ ପ୍ରାକୃତିକ ଓ ନୈସର୍ଗିକ କାମନା । ଶାସ୍ତ୍ରଗୁଡ଼ିକରେ ଏକ ସୀମା ମର୍ଯ୍ୟାଦାରେ ରହି କାମ ସେବନର କଥା କୁହାଯାଇଛି ତଥା ଏହାର ଅତିର ବର୍ଜନ ପ୍ରତିପାଦନ କରାଯାଇଛି । ଅନିୟନ୍ତ୍ରିତ ବା ଅତି ବିଷୟାସକ୍ତି ବଳ ଓ ବୁଦ୍ଧିର ନାଶ କରିଥାଏ । ବିଷୟ ବାସନାରେ ଫସିଥିବା ବ୍ୟକ୍ତିର ଅନିର୍ବଚନୀୟ ହାନି ହୋଇଥାଏ, ପୁଣି ଭୋଗ କେବେ ତୃପ୍ତ ହୋଇ ନଥାଏ ।

ଭର୍ତ୍ତୃହରି କହିଛନ୍ତି– ଭୋଗ ନ ଭୁକ୍ତା ବୟମେବ ଭୁକ୍ତା ଅର୍ଥାତ୍ ଭୋଗଗୁଡ଼ିକୁ ଭୋଗିବା ଦ୍ୱାରା ମନୁଷ୍ୟ ତୃପ୍ତ ହୋଇ ନଥାଏ, ବରଂ ସ୍ୱୟଂ ଜର୍ଜରିତ ହୋଇଯାଏ । ମନୁ ମହାରାଜଙ୍କ ଶବ୍ଦରେ ଭୋଗିବା ଦ୍ୱାରା ଇଚ୍ଛାଗୁଡ଼ିକର ତୃପ୍ତି କେବେହେଲେ ହୋଇ ନ ଥାଏ, ବରଂ ଘୃତ ଦ୍ୱାରା ଅଗ୍ନି ତୀବ୍ର ହେବା ସମାନ ହିଁ ଇଚ୍ଛା ବଢ଼ିଥାଏ । ଭଗବାନ ଶ୍ରୀକୃଷ୍ଣ କାମକୁ ବହୁତ ଖାଇବା ବାଲା ମହାପାପୀ ବୋଲି କହିଛନ୍ତି । ଏହାର ବଶୀଭୂତ ଜୀବନର ଦୁଃଖଦ ପରିଣତି ଚାରିତ୍ରିକ ପତନ ଏବଂ କଳଙ୍କିତ ଜୀବନ ରୂପେ ହୋଇଥାଏ ।

ମହାଭାରତରେ ସ୍ପଷ୍ଟ ନିର୍ଦ୍ଦେଶ ଅଛି ଯେ ନିଜର ଇନ୍ଦ୍ରିୟଗୁଡ଼ିକୁ ବଶରେ ନ ରଖିବା ବିପତ୍ତିର ମାର୍ଗ ଏବଂ ଏଗୁଡ଼ିକୁ ନିଜ ଅଧୀନରେ ରଖିବା ସଂପତ୍ତିର ମାର୍ଗ ଅଟେ । ଧର୍ମଯୁକ୍ତ କାମ ସଂଯମର ମାର୍ଗ ଅଟେ, ଯାହା ସ୍ୱାସ୍ଥ୍ୟ ଠିକ୍ ରଖିଥାଏ, ମନକୁ ନିର୍ମଳ ତଥା ଚିତ୍ତକୁ ଶାନ୍ତ କରିଥାଏ । ସଂଯମିତ, ମର୍ଯ୍ୟାଦିତ ସଦାଚାରୀ ଜୀବନ ହିଁ ମନୁଷ୍ୟର ଆଦର୍ଶ । ଧର୍ମଯୁକ୍ତ କାମ ହିଁ ମୋକ୍ଷର ଦ୍ୱାର । ମୋକ୍ଷ ପୁରୁଷାର୍ଥ ଚତୁଷ୍ଟୟରେ ଚତୁର୍ଥ ସ୍ଥାନରେ ଆସିଥାଏ । ଏହା ଜୀବନର ଉଚ୍ଚତମ ଉଦ୍ଦେଶ୍ୟ, ପରମ ସାଧ । ମୋକ୍ଷ ଜୀବନ ଯାତ୍ରାର ମୁଖ୍ୟ ଗନ୍ତବ୍ୟ, ଅନ୍ତିମ ଲକ୍ଷ୍ୟ । ମୋକ୍ଷ ଜନ୍ମ-ମରଣର ବନ୍ଧନ, ସଂସାର ଚକ୍ର- ମୃତ୍ୟୁର ଅନ୍ତହୀନ ଗତିଶୀଳ ଚକ୍ରରୁ ମୁକ୍ତ ବା ପାର ହେବା ଅଟେ । ନ୍ୟାୟ ଦର୍ଶନରେ ଦୁଃଖରୁ ମୁକ୍ତିର ନାମ ହିଁ ମୋକ୍ଷ କୁହାଯାଇଛି । ଏହା ମାନବ ଜୀବନର ପରମ ଉପଲବ୍ଧି ଅଟେ । ଭାରତୀୟ ପରଂପରାର ସମସ୍ତ ଦର୍ଶନ ଏହାର ପ୍ରତିପାଦନ କରିଥାଏ । ଗୃହସ୍ଥରେ ରହି ମଧ ସାତ୍ତ୍ୱିକ, ସଂଯମିତ ଏବଂ ସଦାଚାରୀ ଜୀବନ ଯାପନ କରି ଏହାକୁ ପ୍ରାପ୍ତ କରାଯାଇପାରେ । ଅର୍ଥ ଏବଂ କାମର ଧର୍ମଯୁକ୍ତ ଆଚରଣ ଏହାର ରାଜମାର୍ଗ ଅଟେ ।

# ଅନ୍ତର୍ମୁଖୀ ବ୍ୟକ୍ତିତ୍ୱ

ଅନ୍ତର୍ମୁଖୀ ହେବାର ତାତ୍ପର୍ଯ୍ୟ ହେଉଛି – ନିଜର ବିଚାର ଓ ଭାବକୁ ଅନ୍ତର୍ଯାତ୍ରା ଦିଗରେ ଅଗ୍ରସର କରାଇବା । ଏହାଦ୍ୱାରା ଉର୍ଦ୍ଧ୍ୱର ବିଚ୍ଛୁରଣ ହୋଇ ନ ଥାଏ । ଏଥିପାଇଁ ଅନ୍ତର୍ମୁଖିତାର ବିକାଶକୁ ଜୀବନର ପରମ ଆଦର୍ଶ ମାନି ନିଆଯାଇଛି । ଯିଏ ସେହି ଅବସ୍ଥାକୁ ସ୍ପର୍ଶ କରିନିଏ, ତା'ର ବ୍ୟକ୍ତିତ୍ୱ ସମତା ଓ ସହଜତାର ପ୍ରତୀକ ହୋଇଯାଏ । ସେ ସେହି ପରିସ୍ଥିତି ଗୁଡ଼ିକର ଉତ୍ଥାନ-ପତନ ଦ୍ୱାରା କମ୍ ପ୍ରଭାବିତ ହୋଇଥାଏ ।

ସଂସାରରେ ସଂଯୋଗ ଓ ବିଯୋଗ ତଥା ଅନୁକୂଳତା ଓ ପ୍ରତିକୂଳତାର ଚକ୍ର ନିରନ୍ତର ଚାଲିଥାଏ । ସନ୍ଥ କବୀର ଲେଖିଛନ୍ତି – ଚଲତି ଚକ୍କୀ ଦେଖି କୈଁ, ଦିୟା କବୀରା ରୋୟ । ଦୋ ପାଟନ କେ ବୀଚ ନଂ, ସାବୁତ ବଚା ନ କୋୟ । ଏଠାରେ ଚକିର ଦୁଇ ଫାଳ ସୁଖ-ଦୁଃଖ, ହର୍ଷ- ଶୋକ ଓ ସଂଯୋଗ- ବିଯୋଗର ଘଟଣାଗୁଡ଼ିକ ସଂକେତ ଅଟେ । ଜୀବନର ଦିଗ୍‌ବଳୟରେ ବିବିଧ ପ୍ରକାରର ରଙ୍ଗ ଉତ୍ପନ୍ନ ହୁଏ ଓ ବିଲୀନ ହୋଇଯାଏ । ପ୍ରତ୍ୟେକ ବ୍ୟକ୍ତିକୁ ତାହାର ଅନୁଭବ କରିବାକୁ ପଡିଥାଏ । ଏହା ଏକ ଜଟିଳ ସମସ୍ୟା, ଯଦ୍ୱାରା ବିଶିଷ୍ଟ ଜ୍ଞାନୀ ବ୍ୟକ୍ତି ମଧ ବିଚଳିତ ହୋଇଯାଏ ।

ସନ୍ଥ କବୀର ଏହି ସମସ୍ୟାର ସମାଧାନ ପ୍ରସ୍ତୁତ କରି ଅନ୍ୟ ପଦରେ କହିଛନ୍ତି– ଶସ୍ୟର କିଛି ଦାନା ଚକିର କିଲା ସହିତ ସମ୍ବନ୍ଧ ଓ ସଂଯୁକ୍ତ ହୋଇଥାନ୍ତି, ସେମାନେ ସେହି ପରିସ୍ଥିତି ରୂପୀ ଫାଳର ପ୍ରଭାବ ଦ୍ୱାରା ଆହତ ହୋଇ ନ ଥାନ୍ତି ତଥା ସ୍ୱୟଂକୁ ସୁରକ୍ଷିତ ରଖିବାରେ ସଫଳ ହୋଇପାରନ୍ତି ।

ଯେଉଁମାନଙ୍କ ଚିନ୍ତନ ଅଧ୍ୟାତ୍ମର କେନ୍ଦ୍ରରେ କେନ୍ଦ୍ରିତ ହୋଇଥାଏ, ସେମାନେ ତାଙ୍କ ଭାଷାରେ ଚକିର କିଲା ସହିତ ଲାଗିଥିବା ଶସ୍ୟଗୁଡ଼ିକର ଦାନା ସମାନ । ନୈତିକ ଆଦର୍ଶଗୁଡ଼ିକର ଅନୁସରଣ କରିବା ପାଇଁ ଜୀବନରେ ଆଧାତ୍ମିକ ଭୂମିକାର ବିକାଶ ଜରୁରୀ । ଆଧ୍ୟାତ୍ମିକତା ମା' ହେଲେ, ନୈତିକତା କନ୍ୟା- ଉଭୟର ଘନିଷ୍ଠ ସମ୍ବନ୍ଧ ରହିଛି । ଆଧ୍ୟାତ୍ମିକତା, ଅନ୍ତର୍ମୁଖିତା ତଥା ସନ୍ଥ କବୀରଙ୍କ ଭାଷାରେ କିଲା ସହିତ ଯୋଡ଼ି ହେବାର ତାତ୍ପର୍ଯ୍ୟ ଏକ ଅଟେ ।

ଭାଷା ବିଜ୍ଞାନରେ ଦୁଇଟି ଶବ୍ଦ ଆସିଥାଏ– ଉତ୍କର୍ଷ ଓ ଅପକର୍ଷ । ଅନ୍ତର୍ମୁଖିତା ଶବ୍ଦର ପ୍ରୟୋଗ ଜୀବନରେ ସ୍ପଷ୍ଟ ଭୂମିକା ପାଇଁ ଜରୁରୀ, କାରଣ ମାନବ ଜୀବନର ଅବଧାରଣା ଓ ପରିଭାଷା କାରଣରୁ ଆଜି ତା'ର ଅପକର୍ଷ ହେଉଛି । ବର୍ତ୍ତମାନ ସମୟରେ ଯିଏ ଭୀରୁ, ପଳାୟନବାଦୀ ଓ ଆତ୍ମକେନ୍ଦ୍ରିତ ହୋଇଥାଏ, ତାକୁ ଅନ୍ତର୍ମୁଖୀ କୁହାଯାଏ । କେତେକ ଲୋକଙ୍କ ଅନୁସାରେ ଏହା ଏକ ବିଶେଷ ପ୍ରକାରରେ ମାନସିକ ବ୍ୟାଧିର ରୂପ ଅଟେ, ଯାହାକୁ ବ୍ୟକ୍ତିତ୍ୱର ଅଶୁଦ୍ଧି ଓ ଖଣ୍ଡିତ ସ୍ୱରୂପ ବୁଝାଯାଇଥାଏ ।

ସମୟ ସମୟରେ ସମାଜରେ ଅନେକ ବ୍ୟକ୍ତି ଦେଖିବାକୁ ମିଳନ୍ତି, ଯେଉଁମାନେ କେତେ ପ୍ରକାର ମନୋରୋଗରେ ଗ୍ରସିତ ଥାଆନ୍ତି । ସେମାନେ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ପ୍ରତି ସଂପୂର୍ଣ୍ଣ ଉଦାସୀନ ହୋଇଥାନ୍ତି ତଥା ପରିବାର ଓ ସମାଜ ପାଇଁ ବୋଝ ହୋଇଯାଆନ୍ତି । ଆଜି କିଛି ଲୋକ ସେମାନଙ୍କୁ ଅନ୍ତର୍ମୁଖୀ ମାନନ୍ତି, ପରନ୍ତୁ ଜୀବନ ଦର୍ଶନରେ ଅନ୍ତର୍ମୁଖିତା ବିକାଶ ଉପରେ ଯେଉଁ ଜୋର୍ ଦିଆଯାଇଛି, ତାହାର ତାତ୍ପର୍ଯ୍ୟ ଆଧୁନିକ ପରିଭାଷା ଓ ବ୍ୟାଖ୍ୟା ଠାରୁ ସଂପୂର୍ଣ୍ଣ ଭିନ୍ନ । ଏହା ଅନୁସାରେ ଯେଉଁଠି ବୃତ୍ତି ଓ ସାମୁଦାୟିକ ଚେତନାର ବିକାଶ ହୋଇଥାଏ, ତାହା ଅନ୍ତର୍ମୁଖୀ ଅଟେ ।

କର୍ତ୍ତବ୍ୟନିଷ୍ଠ ଅଧ୍ୟାତ୍ମ ଓ ବ୍ୟବହାରର ଗଭୀର ସମ୍ବନ୍ଧ ରହିଛି । ସଚ୍ଚା ଅନ୍ତର୍ମୁଖୀ ସିଏ, ଯାହାର ବ୍ୟାବହାରିକ ଜୀବନରେ ଆଧ୍ୟାତ୍ମିକ ଆଦର୍ଶଗୁଡ଼ିକର ପ୍ରଭାବ ଦୃଷ୍ଟିଗୋଚର ହୋଇଥାଏ । ସେ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ପ୍ରତି ସତତ ଜାଗରୂକ ହୋଇଥାଏ ।

ଆଜି ଭକ୍ତି ଓ ଉପାସନାପ୍ରଧାନ ଧର୍ମର ବହୁତ ବିକାଶ ହେଉଛି । ତାହା ସହିତ କର୍ତ୍ତବ୍ୟନିଷ୍ଠା ଓ ତ୍ୟାଗ ଭାବନାର ଆଦର୍ଶ ମଧ ବଢ଼ିବା ଉଚିତ । ଏହାର ଅଭାବରେ ଧର୍ମର ତେଜସ୍ୱିତା ଧୂମା ହୋଇଯାଏ ତଥା ଭକ୍ତି ମଧ ଆସକ୍ତିରେ ପରିଣତ ହୋଇଯାଏ । କର୍ତ୍ତବ୍ୟନିଷ୍ଠାର ଅଭାବରେ ଭକ୍ତିର ସମସ୍ତ ପକ୍ଷ ଅପୂର୍ଣ୍ଣ । ଅନ୍ତର୍ମୁଖୀ ବ୍ୟକ୍ତିର ଦୃଷ୍ଟିକୋଣ ବିଶାଳ ହୋଇଥାଏ । ସେ ସ୍ୱାର୍ଥ ଅପେକ୍ଷା ପରମାର୍ଥକୁ ଅଧିକ ମହତ୍ତ୍ୱ ଦେଇଥାଏ । ଆଜି ସମାଜରେ ବ୍ୟକ୍ତିବାଦ ଓ ଓ ସ୍ୱାର୍ଥବାଦ ଭାବନାର ପ୍ରଭାବ ଦ୍ରୁତ ଗତିରେ ବଢୁଛି । ନିଜର ସ୍ୱାର୍ଥ ପାଇଁ ଅନ୍ୟର ଅହିତ ଓ ଅନିଷ୍ଟ କରିବାରେ ଲୋକମାନଙ୍କୁ ସଂକୋଚର ଅନୁଭବ ହୁଏ ନାହିଁ । ଅନ୍ତର୍ମୁଖୀ ବ୍ୟକ୍ତି ନିଜର ହିତ ଓ ସ୍ୱାର୍ଥଗୁଡ଼ିକୁ ବଳିଦାନ କରିଦିଏ, କିନ୍ତୁ କେବେ ବି ଅନ୍ୟମାନଙ୍କର ଅହିତ ଓ ଅନିଷ୍ଟ ବିଚାର କରି ନଥାଏ । ଯେଉଁ ହିଂସା, ଅସଂଯମ ଓ ଭ୍ରଷ୍ଟାଚାରର ବିଷାକ୍ତ ବୀଜ ଆଜି ସମାଜରେ ବ୍ୟାପକ ରୂପେ ଅଙ୍କୁରିତ ହେଉଛି, ତାହାର ପ୍ରମୁଖ କାରଣ ହେଉଛି ସ୍ୱାର୍ଥବାଦର ଭାବନା । ତେଣୁକରି ନିଃସ୍ୱାର୍ଥ ବୃତ୍ତିର ବିକାଶ ହେବା ଆବଶ୍ୟକ । ଯେଉଁଠି କର୍ତ୍ତବ୍ୟ ଭାବନା ଗୌଣ ତଥା ଅଧିକାରର ଭାବନା ପ୍ରମୁଖ ହୋଇଥାଏ, ସେହି ସମାଜ ଦୁଃଖୀ ଓ ରୋଗୀ ହୋଇଯାଏ ।

ସଂସ୍କୃତ ସାହିତ୍ୟରେ ସମାଜ ଓ ସମଜ ଦୁଇଟି ଶବ୍ଦର ପ୍ରୟୋଗ ହୋଇଛି । ମନୁଷ୍ୟମାନଙ୍କର ସମୂହ 'ସମାଜ' ଓ ପଶୁ ମାନଙ୍କର ସମୂହ 'ସମଜ' ବୋଲାଇଥାଏ । ସମାଜରେ ଗୋଟିଏ 'ମାତ୍ରା' ଅଧିକ ଅଛି, ଏହା ଅହିଂସାର ମାତ୍ରା ଅଟେ, ଆମେ ଏପରି କଳ୍ପନା କରି ପାରିବା । ଅହିଂସାର ଅଭାବରେ ମନୁଷ୍ୟମାନଙ୍କ ସମୂହ ମଧ ପଶୁମାନଙ୍କ ସମାନ ହୋଇଥାଏ । ଅହିଂସା ଓ ସାମୁଦାୟିକ ଚେତନାର ଗଭୀର ସମ୍ବନ୍ଧ ରହିଛି । ଆଧ୍ୟାତ୍ମିକ ଚେତନାର ଆଦର୍ଶ ସ୍ୱତଃ ବିକଶିତ ହୋଇଥାଏ ।

ଭଗବାନ ମହାବୀର କହିଛନ୍ତି– ଯାହାର ଜୀବନରେ ସାମୁଦାୟିକ ଚେତନାର ବିକାଶ ହୋଇଥାଏ ଏବଂ ଯିଏ ସମସ୍ତଙ୍କ ସୁଖ-ଦୁଃଖ ପ୍ରତି ସମ୍ବେଦନଶୀଳ ଓ କରୁଣାଶୀଳ ହୋଇଥାଏ, ସେ ପ୍ରକୃତ ଜ୍ଞାନୀ । ଯେଉଁ ମାନେ ସାମୁଦାୟିକ ଚେତନାରେ ସଂପନ୍ନ ହୋଇଥାନ୍ତି, ସେମାନେ ଭେଦରେ ମଧ ଅଭେଦ, ଅନେକତାରେ ବି ଏକତା ତଥା ବିଷମତାରେ ମଧ ସମତାରେ ବଞ୍ଚିବାରେ ସଫଳ ହୋଇ ପାରନ୍ତି । ଆମ ଶରୀରରେ ଅଗ୍ନି, ଜଳ, ବାୟୁ ଆଦି ବିରୋଧୀ ତତ୍ତ୍ୱଗୁଡ଼ିକର ସମାବେଶ ହୋଇଥାଏ ଏବଂ ଯେପର୍ଯ୍ୟନ୍ତ ଏମାନଙ୍କ ମଧ୍ୟରେ ସମନ୍ୱୟ ଓ ସନ୍ତୁଳନ ରହିଥିବ, ସେପର୍ଯ୍ୟନ୍ତ ଆମେ ସ୍ୱସ୍ଥ ରହିବା । ବିବିଧତା ଓ ଅନେକତା ସୃଷ୍ଟିର ଅଟଳ ନିୟମ । ଆମେ ମନୁଷ୍ୟ, ଅନ୍ୟ ପ୍ରାଣୀ ତଥା ପଦାର୍ଥ ଜଗତର ଅସ୍ତିତ୍ୱର ସମ୍ମାନ କରି ସମନ୍ୱୟପ୍ରଧାନ ଦୃଷ୍ଟିର ବିକାଶ କରିବା ଉଚିତ । ସନ୍ତୁଳନ ଏବଂ ସାମଞ୍ଜସ୍ୟର ସୁନିୟୋଜନ କରିବା ଉଚିତ- ଏହା ଦ୍ୱାରା ଆମର ବ୍ୟକ୍ତିତ୍ୱ ବିକଶିତ ହୋଇଥାଏ ।

# ବିଜ୍ଞାନରୁ ଅଧ୍ୟାତ୍ମ ଦିଗରେ

ଅଧ୍ୟାତ୍ମ ଓ ବିଜ୍ଞାନ ପରସ୍ପରର ପରିପୂରକ । ଏ ଦୁହେଁ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଦୁହେଁ ଜଣେ ଅନ୍ୟ ଜଣକ ବିନା ରହି ପାରିବେ ନାହିଁ । ଏ ଦୁଇଟିର ପାରସ୍ପରିକ ଅନ୍ୟାନ୍ୟାଶ୍ରିତ ସହଯୋଗ ଉପରେ ହିଁ ଏହି ଧରିତ୍ରୀର ଭବିଷ୍ୟତ ନିର୍ଭର କରେ । ଅଧ୍ୟାତ୍ମ ହେଉଛି ଏକ ଉଚ୍ଚସ୍ତରୀୟ ବିଜ୍ଞାନ । ସମସ୍ତ ବ୍ରହ୍ମାଣ୍ଡରେ ମନୁଷ୍ୟ ହିଁ ଏପରି ଏକ ପ୍ରାଣୀ, ଯିଏ ଭୌତିକ ଓ ଅଧ୍ୟାତ୍ମ ଉଭୟ ବିଧାନଗୁଡ଼ିକର ସର୍ଜକ, ପୋଷକ ଓ ବ୍ୟବହାର କର୍ତ୍ତା । ମନୁଷ୍ୟ ଅଧ୍ୟାତ୍ମ ଓ ବିଜ୍ଞାନର ମଝିରେ ଠିଆ ହୋଇଛି । ମନୁଷ୍ୟର ଦେହର ଉର୍ଦ୍ଧ୍ୱରେ ଇନ୍ଦ୍ରିୟ, ଇନ୍ଦ୍ରିୟ ଉପରେ ମନ, ମନର ଉର୍ଦ୍ଧ୍ୱରେ ବୁଦ୍ଧି ତଥା ବୁଦ୍ଧିର ଉର୍ଦ୍ଧ୍ୱରେ ସୂକ୍ଷ୍ମ ଶରୀର ଓ ଆତ୍ମା ରହିଛି । ଏ ସବୁ ଅଙ୍ଗ ପ୍ରତ୍ୟେକ କାର୍ଯ୍ୟ, ବ୍ୟବହାର ଏବଂ ଗୁଣ-ଦୋଷର ଆଧାରରେ ଗୋଟିଏ ଅନ୍ୟ ଠାରୁ ଭିନ୍ନ ହେଲେ ମଧ ପରସ୍ପର ଯୋଡ଼ି ହୋଇଛନ୍ତି । ଶରୀର ଓ ଇନ୍ଦ୍ରିୟଗୁଡ଼ିକ ମନ ଓ ବୁଦ୍ଧି ଅନୁରୂପ ଭୌତିକ କାର୍ଯ୍ୟରେ ଲାଗି ରହନ୍ତି । ସୂକ୍ଷ୍ମ ଶରୀର ଓ ଆତ୍ମା ଆଧାତ୍ମିକ ଉଦ୍ଦେଶ୍ୟଗୁଡ଼ିକୁ ପୂର୍ଣ୍ଣ କରିଥାଏ । ଚେତନାର ପରିଷ୍କାର ହିଁ ଅଧ୍ୟାତ୍ମ ।

ଅଧ୍ୟାତ୍ମର କଳ୍ପନା ସେହି କାମଧେନୁ ରୂପେ କରାଯାଏ, ଯାହାର ଦୁଗ୍ଧ ବେଦ ରୂପୀ ଜ୍ଞାନ-ବିଜ୍ଞାନ ଅଟେ । ସ୍ୱାଧ୍ୟାୟ ମାଧ୍ୟମରେ ଏହି ଜ୍ଞାନ-ବିଜ୍ଞାନ ରୂପୀ ଦୁଗ୍ଧର ସେବନ କରାଯାଇପାରେ । ସ୍ୱାଧ୍ୟାୟ ଦ୍ୱାରା ଜ୍ଞାନ ଏବଂ ବିବେକର ଜାଗୃତି ହୋଇଥାଏ ତଥା ଉର୍ଦ୍ଧ୍ୱ ପ୍ରାପ୍ତି ହୋଇଥାଏ । ଯେହେତୁ ସାଧାରଣ ଲୋକେ ଏହି ଜ୍ଞାନ ରୂପୀ ଦୁଗ୍ଧକୁ ଜୀର୍ଣ୍ଣ କରିବାରେ ଅସମର୍ଥ ହୋଇଥାନ୍ତି, ତେଣୁ ଶାସ୍ତ୍ର ଓ ପୁରାଣଗୁଡ଼ିକୁ ସ୍ତୁତି ରୂପରେ ସହଜ ଓ ସରଳ କରି ଗ୍ରାହ୍ୟ କରାଗଲା । କାଳାନ୍ତରରେ ଯେତେବେଳେ ଲୋକମାନେ ସେଥିପ୍ରତି ଅଶ୍ରଦ୍ଧା ପ୍ରକଟ କଲେ ତ ମନୀଷୀମାନେ ତାକୁ ବିଜ୍ଞାନର କଷଟିରେ କଷିଲେ । ଋଷିମାନେ ଉପନିଷଦ୍ ନାମରେ ସେହି ସିଦ୍ଧାନ୍ତଗୁଡ଼ିକୁ ଦଧିରୂପରେ ସଂଗୃହୀତ କଲେ । ଏହି ଦଧିର ମନ୍ଥନ ଭଗବାନ ଶ୍ରୀକୃଷ୍ଣ କଲେ ଏବଂ ଗୀତା ରୂପରେ ସମସ୍ତ ସଂସାର ସମକ୍ଷରେ ପ୍ରସ୍ତୁତ କଲେ ।

ଅଧ୍ୟାତ୍ମ ଓ ବିଜ୍ଞାନର ଏହି ଅଦ୍ଭୁତ ମିଳନକୁ ସମସ୍ତ ଧର୍ମ ଓ ସଂପ୍ରଦାୟର ଲୋକେ ସହଜ ଭାବେ ସ୍ୱୀକାର କରିଛନ୍ତି । ମାନବର ମନ ଓ ପ୍ରାଣ ଠାରୁ ଉଚ୍ଚ ହେଉଛି ଚେତନା । ଏହି ଚେତନା ଶୁଦ୍ଧ, ମହାନ୍ ଏବଂ ଦିବ୍ୟ ଅଟେ ତଥା ଯାହା ମାନବର ସାଧାରଣ ମାନସିକ, ପ୍ରାଣିକ ପ୍ରବୃତ୍ତିଗୁଡ଼ିକ ଠାରୁ ଉର୍ଦ୍ଧ୍ୱରେ, ତାହାକୁ ଅଧ୍ୟାତ୍ମ କୁହାଯାଏ ।

ଆତ୍ମା ଭିତରୁ ଉଠୁଥିବା ତରଙ୍ଗ ଯେତେବେଳେ ନିମ୍ନ ଭାବ ଗୁଡ଼ିକର କ୍ଷୁଦ୍ରତାରୁ ବାହାରି କୌଣସି ଅଦୃଶ୍ୟ ଚେତନା ଦିଗରେ ବଢ଼ିଥାଏ ତ ମନୁଷ୍ୟ ସେହି ମହତ୍ତର ଚେତନା ପ୍ରତି ଜାଗରୂକ ହେବା ପ୍ରାରମ୍ଭ କରିଦିଏ । ଅଧ୍ୟାତ୍ମରେ ପ୍ରବେଶ କରିବା ପାଇଁ ହୃଦୟର ପବିତ୍ରତା ଆବଶ୍ୟକ । ଏଥିପାଇଁ ଆତ୍ମାରେ ସଚ୍ଚା ଅଭୀପ୍ସା ଜାଗ୍ରତ କରିବାକୁ ହୋଇଥାଏ । ଏମିତିରେ ତ ଅନନ୍ତ ଓ ଅସୀମ ଆଧ୍ୟାତ୍ମିକ ସତ୍ୟରେ ସମ୍ପୂର୍ଣ୍ଣ ରୂପେ ପ୍ରବେଶ କରିପାରିବା ସମ୍ଭବ ନୁହେଁ, ତଥାପି ଅନ୍ତସ୍ ଚେତନା ଜାଗ୍ରତ ହେବା ପରେ ଦିବ୍ୟତା ଏବଂ ପାବନତାର ଅନୁଭବ ହୋଇଥାଏ ।

ଏହି ଭାବ ବ୍ୟକ୍ତିଗତ ମାନଦଣ୍ଡଗୁଡ଼ିକ ଠାରୁ ଉଚ୍ଚ ହୋଇଥାଏ । ଏହାକୁ ତିନି ଭାଗରେ ବିଭାଜିତ କରାଯାଇ ପାରେ । ସବୁଠାରୁ ତଳେ ରହିଛି ଶାରୀରିକ ଜୀବନ, ଯାହା ଆବଶ୍ୟକତା ଓ କାମନାଗୁଡ଼ିକ ଦ୍ୱାରା ବାନ୍ଧି ହୋଇଥାଏ । ମଧ୍ୟରେ ରହିଛି ମାନସିକ ଅର୍ଥାତ୍ ଉଚ୍ଚତର ଭାବଗୁଡ଼ିକର ଜୀବନ, ଯାହା ମହତ୍ତର ଅଭିରୁଚି, ଅଭୀପ୍ସା, ଅନୁଭୂତି ଓ ବିଚାରଗୁଡ଼ିକ ଦ୍ୱାରା ସିକ୍ତ । ଶିଖରହେଉଛି- ଗହନତର ଚୈତ୍ୟ ଓ ଆଧ୍ୟାତ୍ମିକ ସ୍ଥିତି ।

ଆଧ୍ୟାତ୍ମିକ ଜୀବନରେ ଯେବେ ଚେତନାର ଅଭିବ୍ୟକ୍ତି ହୋଇଥାଏ ତ ଇଚ୍ଛା, ବାସନା ଲୁପ୍ତ ହେବାକୁ ଲାଗେ । ଏହା ପରେ ଆତ୍ମା ପରମାତ୍ମା ସହିତ ତାଦାତ୍ମ୍ୟ କରିନିଏ । ଅନନ୍ତର ବିଶାଳ ସ୍ୱରୂପ ସେଥିରେ ଆପ୍ଲାବିତ ହେବାକୁ ଲାଗେ ।

କିଛି ଶତାବ୍ଦୀ ପୂର୍ବରୁ ଭାରତର ଆଦର୍ଶ ଅଧ୍ୟାତ୍ମ ଉପରେ ଆଧାରିତ ଥିଲା । ଅଧ୍ୟାତ୍ମର ଆଦର୍ଶ ମଧ ବିଜ୍ଞାନ ସହିତ ସମ୍ବନ୍ଧିତ । ଯଦି ଅଧ୍ୟାତ୍ମର ଆଦର୍ଶ ସହିତ ମାନବର ବୈଜ୍ଞାନିକ ଉପଲବ୍ଧିଗୁଡ଼ିକୁ ମଧ ସମାହିତ କରିନିଆଯାଏ ତ ନବୀନ ଆୟାମ ପ୍ରସ୍ତୁତ କରାଯାଇ ପାରିବ ।

ସଂପୂର୍ଣ୍ଣ ବିଶ୍ୱରେ ଏହି କ୍ଷେତ୍ରରେ ନିଜର ସ୍ଥାନ ସୁନିଶ୍ଚିତ କରିବା ପାଇଁ ଦେଶକୁ ଅଧ୍ୟାତ୍ମ ସହିତ ଆଧୁନିକତମ ଗବେଷଣା ଏବଂ ଅନୁସନ୍ଧାନଗୁଡ଼ିକୁ ମଧ ସାଙ୍ଗରେ ନେଇ ଚାଲିବାକୁ ହେବ । ପଶ୍ଚିମର ଆଦର୍ଶ ହେଉଛି- ପ୍ରଗତି, ସ୍ୱାଧୀନତା, ସମାନତା, ଅର୍ଥ ଓ ଉପଭୋଗ । ଏସବୁ ବିଜ୍ଞାନର ଚମତ୍କାର ଅଟେ, ଯାହାକୁ ଅଙ୍ଗେ ନିଭାଇ ଭୌତିକବାଦୀ ଏବେ ବିରକ୍ତ ହୋଇଗଲେଣି । ଭୌତିକ ରୂପେ ସଂପନ୍ନ ମାନବ ଏବେ ଅଧ୍ୟାତ୍ମ ପାଇଁ ବ୍ୟାକୁଳ ହେଉଛି ।

ଆଜିର ଭୌତିକ ଉପଲବ୍ଧିଗୁଡ଼ିକ ଆମର ମନ ଶାନ୍ତି ପ୍ରଦାନ କରିବାକୁ ଅକ୍ଷମ ପ୍ରମାଣିତ ହୋଇଛି । ଅଧ୍ୟାତ୍ମ ଦିଗରେ ମୋଡ଼ିବା ପରେ ହିଁ ମନର ଶାନ୍ତି ପ୍ରାପ୍ତ ହୋଇପାରେ । ବିଜ୍ଞାନର ଉପଲବ୍ଧିଗୁଡ଼ିକ ସହିତ ଯଦି ଅଧ୍ୟାତ୍ମର ସାମଞ୍ଜସ୍ୟ ହୋଇଯାଏ ତ ସଂପୂର୍ଣ୍ଣ ମାନବ ଜାତିର କଲ୍ୟାଣ ହୋଇଯିବ । ଆଧ୍ୟାତ୍ମିକ ଆନନ୍ଦ ପ୍ରଦର୍ଶନରହିତ ପରୋପକାର, ତ୍ୟାଗ, ପ୍ରେମ ଓ କରୁଣାର ଭାବଗୁଡ଼ିକ ଦ୍ୱାରା ହିଁ ପ୍ରାପ୍ତ ହୋଇପାରେ । ବର୍ତ୍ତମାନ ସମୟରେ ଆଧ୍ୟାତ୍ମିକ କ୍ରାନ୍ତି ନିଜ ଅବସରର ପ୍ରତୀକ୍ଷା କରିଛି । ଯେପର୍ଯ୍ୟନ୍ତ ଏହି କ୍ରାନ୍ତି ନ ହୋଇଛି, ସେପର୍ଯ୍ୟନ୍ତ ପରିବର୍ତ୍ତନ ସମ୍ଭବ ନୁହେଁ । ଏଣୁ ପ୍ରକୃତି ଏବଂ ମାନବର ସମସ୍ତ ଉର ଉପଯୋଗ କରିବା ପାଇଁ ଅଧ୍ୟାତ୍ମ ଓ ବିଜ୍ଞାନର ସାମଞ୍ଜସ୍ୟ ସୁଖମୟ ହେବ ।

ଭୌତିକ ସମ୍ବଳଗୁଡ଼ିକର ସଦୁପଯୋଗ ଏବଂ ସୁନିୟୋଜନରେ ହିଁ ବିଜ୍ଞାନର ଉପାଦେୟତା ରହିଛି । ଏହା ଦ୍ୱାରା ଆମର ଦୈହିକ ଜୀବନ ସୁସ୍ଥ ଓ ପୁଷ୍ଟ ହୋଇଥାଏ । ସୁସ୍ଥ ଶରୀରରେ ସ୍ୱଚ୍ଛ ମନ, ନିର୍ମଳ ଭାବର ବିକାଶ ସମ୍ଭବ । ମନ ଓ ଭାବର ପରିଷ୍କାର ହିଁ ଅଧ୍ୟାତ୍ମ ଅଟେ । ଏହି ପ୍ରକାର ବିଜ୍ଞାନରୁ ଅଧ୍ୟାତ୍ମ ଦିଗରେ ଯାତ୍ରା ସହଜ-ସରଳ ହୋଇଯାଏ ।

## ଆଜିର ଚିନ୍ତନ

ଉଭୟ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ଆଦର୍ଶ ପରସ୍ପରର ପରିପୂରକ, ଅବର୍ଣ୍ଣନୀୟ ତଥା ଅସୀମ । ସ୍ଥାନ କାଳ ପାତ୍ର ନିର୍ବିଶେଷରେ ପ୍ରତିଟି ବ୍ୟକ୍ତିବିଶେଷ ଏହି ଦୁଇ ଅଦ୍ୱିତୀୟ ପ୍ରଜ୍ଞା ପୁରୁଷଙ୍କ ଅନୁଗାମୀ । ଶ୍ରୀରାମ ମର୍ଯ୍ୟାଦାର ପ୍ରତୀକ ଓ ଶ୍ରୀକୃଷ୍ଣ ଅସୀମ ନୀତିର ବାର୍ତ୍ତାବହ । ଏହା ଦୃଢ଼ ନିଶ୍ଚିତ ଯେ, ସାମାଜିକ ଜୀବନରେ ମର୍ଯ୍ୟାଦା ତ ନିତାନ୍ତ ଆବଶ୍ୟକ । ପ୍ରକାରାନ୍ତେ ଧର୍ମ ଓ ନ୍ୟାୟର ସମାନତା ନିମନ୍ତେ ଶ୍ରୀକୃଷ୍ଣଙ୍କ ଆବଶ୍ୟକତା ମଧ ତତୋଧିକ । ଶ୍ରୀରାମ ଗୋଟିଏ ମହାନ ଆଦର୍ଶ ହେଲେ, ଶ୍ରୀକୃଷ୍ଣ ହେଉଛନ୍ତି ଗୋଟିଏ ମହୋତ୍ସବ । ସତ୍ୟ ଓ ନ୍ୟାୟ ପଥରେ ରହି ମାନବତାକୁ ବଜାୟ ରଖିବା ଯେଉଁଠି ରାମଙ୍କ ସନ୍ଦେଶ, ଆବଶ୍ୟକତା ଅନୁଯାୟୀ ଅସତ୍ୟ ଓ ଅନ୍ୟାୟର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ପାଇ ଉଭୟ କୂଟ ଓ ରାଜନୀତି ମାଧ୍ୟମରେ ଧର୍ମର ଜୟ ହିଁ ଶ୍ରୀକୃଷ୍ଣଙ୍କ ଲକ୍ଷ୍ୟ । ମହାନ୍ ରଘୁବଂଶର ରାଜପୁତ୍ର ହୋଇ ମଧ ଶ୍ରୀରାମ ରାଜନେତା ନୁହଁନ୍ତି, ବରଂ ତାଙ୍କ ପାଇଁ ସମାଜରେ ମର୍ଯ୍ୟାଦା ଓ ଧର୍ମସମ୍ମତ ଆଚରଣ ହିଁ ସର୍ବୋପରି । ଅପରପକ୍ଷେ, ଶ୍ରୀକୃଷ୍ଣ ରାଜପୁତ୍ର ନହୋଇ ମଧ ତାଙ୍କର ସାମାନ୍ୟ ସାନ୍ନିଧ୍ୟ ପାଇବା ପାଇଁ ସମଗ୍ର ଆର୍ଯ୍ୟାବର୍ତ୍ତର ରାଜା, ମହାରାଜା, ଚକ୍ରବର୍ତ୍ତୀ ସମ୍ରାଟ, ସମସ୍ତେ ଲାଳାୟିତ, ଅପେକ୍ଷାରତ । ଶ୍ରୀରାମଙ୍କ ଗୃହତ୍ୟାଗ ଗୋଟିଏ ରାଜକୁମାର ପାଇଁ ଷଡ଼ଯନ୍ତ୍ରଭରା କରୁଣ ଘଟଣା ହୋଇଥିବାବେଳେ ଶ୍ରୀକୃଷ୍ଣଙ୍କ ଗୃହତ୍ୟାଗ ଏକ ସୁଚିନ୍ତିତ ଗୂଢ଼ କୂଟନୀତି । ମାନବତା ଓ ଆଦର୍ଶକୁ ପାଥେୟ କରି ଶ୍ରୀରାମ ସ୍ୱେଚ୍ଛାରେ ସମସ୍ତ ବେଦନା ସହ୍ୟ କରିଥିବାବେଳେ ସମସ୍ତ ପ୍ରକାର ଷଡ଼ଯନ୍ତ୍ରକୁ ପଣ୍ଡ କରି ଶ୍ରୀକୃଷ୍ଣ ଚିରାଚରିତ ନୀତିର ପରିବର୍ତ୍ତନ ପୂର୍ବକ ଏକ ନୂତନ ପରିପାଟୀ ସ୍ଥାପନ କରନ୍ତି । ମହାଭାରତ ଚକ୍ରବ୍ୟୂହ ଭେଦ କରିବାକୁ ଭଣଜା ଅଭିମନ୍ୟୁଙ୍କୁ ନିଶ୍ଚିତ ମୃତ୍ୟୁମୁଖକୁ ପଠାଇବାକୁ ଶ୍ରୀକୃଷ୍ଣ ପଶ୍ଚାତ୍‌ପଦ ହୁଅନ୍ତିନି । ରାମ ହିଁ ରାଜା, କୃଷ୍ଣ ରାଜନୀତି । ରାମ ହିଁ ରଣ, କୃଷ୍ଣ ରଣନୀତି । ରାମ ହିଁ ନ୍ୟାୟ, କୃଷ୍ଣ ହେଉଛନ୍ତି ନୀତି । ଲକ୍ଷ୍ୟ ଗୋଟିଏ ସତ୍ୟ ଓ ଧର୍ମ ରକ୍ଷା । କିନ୍ତୁ ପରିସ୍ଥିତି ଅନୁଯାୟୀ ପ୍ରକ୍ରିୟା ଭିନ୍ନ । ଅତଏବ ପରିସ୍ଥିତି ଅନୁଯାୟୀ ଶ୍ରୀରାମରୁ ଶ୍ରୀକୃଷ୍ଣ ହେବା ଏକ ରୂପାନ୍ତରଣ ମାତ୍ର । ମାନବୀୟ ମୂଲ୍ୟ ଅକ୍ଷୁର୍ଣ୍ଣ ରଖିବା ଶ୍ରୀରାମଙ୍କ ଲକ୍ଷ୍ୟ । ଆଉ ସେହି ମାନବୀୟ ମୂଲ୍ୟର ସାମାରେଖୀ ନିର୍ଦ୍ଧାରଣ କରିଛନ୍ତି ଶ୍ରୀକୃଷ୍ଣ । ପ୍ରତିଟି ସଦାଚାରୀ ମଣିଷ ଜୀବନର ଆରମ୍ଭ ଶ୍ରୀରାମଙ୍କ ଠାରୁ । ମାତ୍ର ସେତେବେଳ ଯାଏ ସେ ଜୀବନ ଅସମ୍ପୂର୍ଣ୍ଣ, ଯେପର୍ଯ୍ୟନ୍ତ ଧର୍ମ ରକ୍ଷା ପାଇଁ ଏହା ଶ୍ରୀକୃଷ୍ଣ ନ ସାଜିଛି ।

ସ୍ୱୀକାର
ବର୍ଷ ୨୭, ସଂଖ୍ୟା- ୨୪, ୧୧ - ୧୭ ଜୁନ୍ ୨୦୨୩

# ସୁସ୍ଥ ଜୀବନର ମହାମନ୍ତ୍ର

ପ୍ରକୃତି କୋଳରେ ମୁକ୍ତ ବିହଙ୍ଗ ପରି ଦିନେ ସୁଖ, ଶାନ୍ତି, ଆନନ୍ଦରେ ଜୀବନ ବିତାଉଥିଲା ମଣିଷ ସମାଜ । କିନ୍ତୁ ଯାନ୍ତ୍ରିକ ସଭ୍ୟତାର ପ୍ରଭାବରେ ବଦଳିଯାଇଛି ପରିବେଶ । ମନୁଷ୍ୟ ବିଜ୍ଞାନ ସାହାଯ୍ୟରେ ଅବରୁଦ୍ଧ କଲା ପ୍ରକୃତିର ମୁକ୍ତ ଗତିପଥକୁ । ବିଜ୍ଞାନର ଜୟଯାତ୍ରାରେ ଯନ୍ତ୍ର ସଭ୍ୟତାର ବିକାଶ ଘଟିଛି ସତ, ହେଲେ ପ୍ରାକୃତିକ ପରିବେଶ ପ୍ରଦୂଷିତ ହୋଇ ଅନେକ ଜଟିଳ ପରିସ୍ଥିତି ସୃଷ୍ଟି ହେଉଛି । ଆଧୁନିକ ମଣିଷ ଦୂଷିତ ପରିବେଶରେ ଆଜି କ୍ଳାନ୍ତ, ଅବସନ୍ନ ଓ ଶ୍ୱାସରୁଦ୍ଧ । ପ୍ରକୃତିର ଏହି ସବୁଜସୁନ୍ଦର ପରିବେଶ ପାଲଟିଛି ଆଜି ନର୍କପୁର । ମଣିଷ ଆଜି ବିନାଶପଥର ପଥିକ । ମଣିଷର ଜୀବନ ପରିବେଶ ଅନୁସାରେ ଗଢ଼ା ହୋଇଥାଏ । ପରିବେଶ ଭୟଙ୍କର ହେଲେ ଜୀବଜଗତର ବିପର୍ଯ୍ୟୟ ଘଟେ ଏବଂ ପରିବେଶ ଉଦାର ହେଲେ ଜୀବଜଗତ ନିରାମୟ ଜୀବନଯାପନ କରିଥାନ୍ତି । କିନ୍ତୁ ମଣିଷ ଆଧୁନିକ ଜୀବନ ଶୈଳୀର ଆବଶ୍ୟକତା ପୂରଣ କରିବାକୁ ଯାଇ ଅନେକ କାର୍ଯ୍ୟ କରୁଛି ଯାହାକି ପରିବେଶ ପ୍ରଦୂଷଣର ମୂଳ କାରଣ ।

ଜନସଂଖ୍ୟା ବିସ୍ଫୋରଣ ଯୋଗୁଁ ପରିବେଶ ପ୍ରଦୂଷଣ ହେବାରେ ଲାଗିଛି । ବାସସ୍ଥାନର ଆବଶ୍ୟକତା ପୂରଣ କରିବାକୁ ଯାଇ ଅନେକ ଜଙ୍ଗଲ ଧ୍ୱଂସ କରାଯାଉଛି । କ୍ରମେ ସହରାଞ୍ଚଳ ଜନାକୀର୍ଣ୍ଣ ହୋଇ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ପୃଥିବୀର ସୀମିତ ସ୍ଥଳଭାଗକୁ ଦ୍ରୁତ ଜନସଂଖ୍ୟା ବୃଦ୍ଧି ମଣିଷର ଜୀବନଧାରାକୁ ଆଜି ଦୁର୍ବିସହ କରିଦେଇଛି । ଶିଳ୍ପର ସମୃଦ୍ଧି ଘଟାଇବା ପାଇଁ ଦେଶ ଦେଶ ଭିତରେ ଆଜି ପ୍ରାଣମୂର୍ଚ୍ଛା ପ୍ରତିଯୋଗିତା ଚାଲିଛି । କଳ କାରଖାନା ମାନଙ୍କରୁ ବାହାରୁଥିବା ଧୂମ କୁଣ୍ଡଳୀ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଭରିଦଉଛି । ଫଳରେ ଅମ୍ଳଜାନ ପରିମାଣ ହ୍ରାସ ପାଉଥିବାରୁ ଜୀବନ ଘୋର ସଙ୍କଟାପନ୍ନ ହୋଇ ଉଠୁଛି । ଶିଳ୍ପାୟନରୁ ନିର୍ଗତ ବର୍ଜ୍ୟବସ୍ତୁ ଜଳ ପ୍ରଦୂଷଣର ମୁଖ୍ୟ କାରଣ । ଯାନବାହାନ ଗାଡିମଟର ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ ସେଥିରୁ ନିର୍ଗତ ବିଷାକ୍ତ ଧୂଆଁ ବାୟୁମଣ୍ଡଳକୁ ବହୁ ମାତ୍ରାରେ ପ୍ରଦୂଷିତ କରୁଛି । ଜଙ୍ଗଲରୁ ଗଛକଟା ହୋଇ ନୂଆ ସହର ଏବଂ ଶିଳ୍ପ କାରଖାନା ଆଦି ଗଢିଉଠୁଛି । ଫଳରେ ଜଙ୍ଗଲର ସବୁଜିମା ଲୋପ ପାଇବା ସହିତ ଭୂଇଁ ଉପରେ ତାପମାତ୍ରା ବଢି ଚାଲିଛି । ଏହା ମନୁଷ୍ୟ ତଥା ଜୀବଜଗତ ଉପରେ ବିପଦର ସଙ୍କେତ ବଢିଚାଲିଛି । ନୂଆ ନୂଆ ରୋଗ ବ୍ୟାଧି ମାଡ଼ିଆସୁଛି । ପରିବେଶ ପ୍ରଦୂଷଣ ଦ୍ୱାରା ମଧ ଜଳବାୟୁରେ ବଡ଼ ପରିବର୍ତ୍ତନ ଆସିଛି । ମରୁଡି, ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଉଛି । ଜଳବାୟୁ ପରିବର୍ତ୍ତନ ଫଳରେ ଅନେକ ଜୀବଜନ୍ତୁ ଏ ଧରା ପୃଷ୍ଠରୁ ବିଲୁପ୍ତ ହୋଇଗଲେଣି । ଜୈବ ଭାରସାମ୍ୟରେ ଅସନ୍ତୁଳନ ଦେଖାଦେଲାଣି । ତଥାପି ଏହି ସ୍ୱାର୍ଥପର ମଣିଷ ସଚେତନ ହେଉନାହିଁ ।

ସୁସ୍ଥ ପରିବେଶ ସୁସ୍ଥ ଜୀବନର ମାନଦଣ୍ଡ । ପ୍ରାକୃତିକ ପରିବେଶକୁ ସରସ ସୁନ୍ଦର କରିପାରିଲେ ପ୍ରାଣୀଜଗତ ସୁଖଶାନ୍ତିରେ ଜୀବନ ଯାପନ କରିପାରିବ । ପରିବେଶ ପ୍ରଦୂଷଣକୁ ପ୍ରତିରୋଧ କରି ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ସମଗ୍ର ମାନବସମାଜ ପାଇଁ ଆହ୍ୱାନ । ପରିବେଶ ସୁସ୍ଥ ରହିଲେ ଆମେ ସୁସ୍ଥ ରହିପାରିବା ଏହି ଉକ୍ତିକୁ ସମସ୍ତେ ଉପଲବ୍ଧି କରିବା ସହିତ ବିଶ୍ୱର ପ୍ରତି କୋଣ ଅନୁକୋଣରେ ପହଞ୍ଚାଇବାର ଆବଶ୍ୟକତା ରହିଛି । ଯନ୍ତ୍ର ଦାନବର ସାମଗ୍ରିକ ମାୟାରୁ ମନୁଷ୍ୟ ନିଜକୁ ମୁକ୍ତ କରିବା ଆବଶ୍ୟକ । ଯାନ୍ତ୍ରିକ ମୋହ ବିଜ୍ଞାନର ଆସୁରିକ ମାୟା ସ୍ୱାର୍ଥାନ୍ଧତାର ଅହଂକାରରେ ବାଟବଣା ନହୋଇ ପରିବେଶ ସୁରକ୍ଷା ପ୍ରତି ଯତ୍ନବାନ ହେଲେ ମଣିଷ ସମାଜ ସୁସ୍ଥ ଓ ନିରାମୟ ଜୀବନଯାପନ କରିପାରିବ ।

# ପଥ ପ୍ରଦର୍ଶନ

## ମହାତ୍ମା ଗାନ୍ଧୀ



ନିର୍ଭୁଲ ଭାବରେ କାହାକୁ ବାଟ ଦେଖାଇବାକୁ କିମ୍ବା ପ୍ରେରଣା ଦେବାକୁ ମୋ'ର ଯୋଗ୍ୟତା ରହିଛି ବୋଲି ମୁଁ ଆଦୌ ଦାବି କରେନାହିଁ । ନିଜର ଅଭିଜ୍ଞତାରୁ ମୁଁ ଯେତେଦୂର ଜାଣେ, କୌଣସି ମନୁଷ୍ୟ ପକ୍ଷରେ ଭ୍ରାନ୍ତଶୂନ୍ୟତାର ଦାବି କରିବା ଆଦୌ ଯୁକ୍ତିଯୁକ୍ତ ହେବନାହିଁ । କାରଣ କର୍ମ କରିବାର କ୍ଷେତ୍ରରେ ଯିଏ ଆଦୌ କୌଣସି ପରସ୍ପର- ବିରୋଧାର ସମ୍ମୁଖୀନ ହେଉ ନଥିବ, କେବଳ ସେହି ବ୍ୟକ୍ତିର ଜୀବନରେ କୌଣସି ପ୍ରେରଣା ସମ୍ଭବ ହୋଇପାରିବ । ଦୁଇ ବିପରୀତ ପ୍ରବୃତ୍ତିର କ୍ରିୟାରୁ ଜଣେ ମୁକ୍ତ ରହିଛି ବୋଲି କରୁଥିବା ଦାବିଟି ପ୍ରକୃତରେ କେତେଦୂର ଯୁକ୍ତିଯୁକ୍ତ, କୌଣସି ଗୋଟିଏ ଘଟଣା ବା ଦୃଷ୍ଟାନ୍ତରୁ ତାହାର ବିଚାର କରି କହିଦେବା ମଧ ସର୍ବଦା ଅତ୍ୟନ୍ତ କଷ୍ଟକର ହିଁ ହେବ । ତେଣୁ ଏହିପରି ଭାବରେ ଭ୍ରାନ୍ତଶୂନ୍ୟତାର ଦାବି କରିବା ମଧ ସବୁବେଳେ ଅତ୍ୟନ୍ତ ବିପଜ୍ଜନକ ହୋଇ ରହିଥିବ । ତାହାର ଅର୍ଥ ଅବଶ୍ୟ ନୁହେଁ ଯେ, ଆମକୁ କେତେବେଳେ ହେଲେ କୌଣସି ପଥ ପ୍ରଦର୍ଶନ ଆଦୌ ମିଳିବ ନାହିଁ । ପୃଥିବୀର ମନୀଷୀମାନଙ୍କର ଅଭିଜ୍ଞତାରୁ ସମଗ୍ର ଭଣ୍ଡାରଟି ଆମଲାଗି ଉପଲବ୍ଧି ହୋଇ ରହିଛି ଓ ଚିରକାଳ ଲାଗି ମଧ ଉପଲବ୍ଧି ହୋଇ ରହିଥିବ ।

ପୁନଶ୍ଚ, ମୂଳ ସତ୍ୟମାନେ ଯେ ବହୁସଂଖ୍ୟାରେ ରହିଛନ୍ତି, ସେକଥା ଆଦୌ ନୁହେଁ; ମୂଳ ସତ୍ୟ ହେଉଛି କେବଳ ଗୋଟିଏ, ତାହା ହେଉଛି ସ୍ୱୟଂ ପରମ ସତ୍ୟ, ଅନ୍ୟ ଭାଷାରେ ତାହାକୁ ହିଁ ଅହିଂସା କୁହାଯାଏ । ନାନା ସୀମା ମଧରେ ଜଡ଼ିତ ହୋଇ ରହିଥିବା ମନୁଷ୍ୟ କଦାପି ସତ୍ୟ ଏବଂ ପ୍ରେମକୁ ପୂର୍ଣ୍ଣଭାବରେ ଜାଣିପାରିବ ନାହିଁ । କାରଣ ତାହା ହେଉଛି ଅସୀମ । ମାତ୍ର, ନିଜର ପଥପ୍ରଦର୍ଶନ ପାଇଁ ଆମର ତାହା ବିଷୟରେ ଏକ ଯଥେଷ୍ଟ ଜ୍ଞାନ ଅବଶ୍ୟ ରହିଛି । ତାହାର ପ୍ରୟୋଗରେ ଆମେ ଅବଶ୍ୟ ଭୁଲ କରିବା, ବେଳେବେଳେ ଅତ୍ୟନ୍ତ ସାଂଘାତିକ ଭାବରେ ଭୁଲ କରିବା । ମାତ୍ର, ମନୁଷ୍ୟ ହେଉଛି ଆତ୍ମସନର ସାମର୍ଥ୍ୟ ରହିଥିବା ଗୋଟିଏ ସଭା ଏବଂ ଆତ୍ମଶାସନ କହିଲେ ତା ଭିତରେ ଭୁଲ କରିବାର ଶକ୍ତି ପରି ଭୁଲକୁ ବାରିବାର ଓ ଠିକ କରି ପାରିବାର ଶକ୍ତିଟି ମଧ ଅନ୍ତର୍ଭୁକ୍ତ ହୋଇ ରହିଥାଏ ।

ମୁଁ ଯେ କେବଳ ଜଣେ ସ୍ୱପ୍ନବିଳାସୀ, ସେ କଥାଟିକୁ ମୁଁ ଅସ୍ୱୀକାର କରୁଛି । ମୋ'ଠାରେ ସନ୍ଥଗୁଣର ଅରୋପକୁ ମୁଁ ଆଦୌ ଗ୍ରହଣ କରିନାହିଁ । ମୁଁ ଏହି ପୃଥିବୀର, ଏକାନ୍ତ ପାର୍ଥିବ ।... ତୁମ ଭଳି ମୋ' ଭିତରେ ମଧ ବହୁ ଦୁର୍ବଳତା ଲାଗି ପ୍ରବୃତ୍ତି ରହିଛି । ମାତ୍ର ମୁଁ ପୃଥିବୀକୁ ଦେଖୁଲିଣି । ଆଖିକୁ ଖୋଲାକରି ରଖି ମୁଁ ପୃଥିବୀରେ ବଞ୍ଚିଛି । ମନୁଷ୍ୟ ତାର ଅଦୃଷ୍ଟରେ ଯେତେ ଯେତେ ଅଗ୍ନି ପରୀକ୍ଷାର ସମ୍ମୁଖୀନ ହୋଇଛି, ମୁଁ ସେଗୁଡ଼ିକର ମଧଦେଇ ଗତିକରୁଛି ମୁଁ ଏହି ଶୃଙ୍ଖଳାଟି ମଧଦେଇ ଯାଇଛି ।

ପ୍ରତ୍ୟେକ ସମର ପୂର୍ବରୁ ଅତ୍ମୋତ୍ସର୍ଗର ହିଁ ଅପେକ୍ଷା ରହିଥାଏ । ତେଣୁ ସେହି ଆତ୍ମୋତ୍ସର୍ଗର ସନ୍ଦେଶ ବ୍ୟତୀତ ଆଉ ଅନ୍ୟ କୌଣସି ସନ୍ଦେଶର ଅନୁସରଣ ନକରିବାକୁ ମୁଁ ମୋ'ର ଦେଶବାସୀଙ୍କୁ ଅନୁରୋଧ କରୁଛି । ତୁମେ ହିଂସା ଅଥବା ଅଂହିସା ଯେଉଁ ମାର୍ଗରେ ବିଶ୍ୱାସ କରୁଥାଅ ପଛକେ, ତୁମକୁ ତଥାପି ଆତ୍ମୋତ୍ସର୍ଗ ଏବଂ ଶୃଙ୍ଖଳାର ଅଗ୍ନିପରୀକ୍ଷା ଦେଇ ଯିବାକୁ ହିଁ ପଡ଼ିବ ।

ପାଶ୍ଚାତ୍ୟ ଜଗତର ବହୁ ମିତ୍ରଙ୍କର ସମ୍ମାନ ହରାଇ ବସିଥିଲେ ମଧ–ଏବଂ ମୋତେ ମୋ'ର ମସ୍ତକକୁ ଅବଶ୍ୟ ନତ କରିବାକୁ ହେବ । ମାତ୍ର ସେମାନଙ୍କର ମିତ୍ରତା ବା ପ୍ରେମ ପାଇଁ ମଧ ମୁଁ କଦାପି ମୋ'ର ବିବେକର ବାଣୀଟିକୁ ଦବାଇ କରି ରଖିଦେବି ନାହିଁ ଆଜି ମୋ'ର ଭିତରେ ଥିବା ମୂଳଭୂତ ପ୍ରକୃତିର ଅନୁବୋଧନଗୁଡ଼ିକୁ ମୁଁ ପୃଥିବୀ ସମକ୍ଷରେ ଘୋଷଣା କରି କହିଦେବାକୁ ଇଚ୍ଛା କରୁଛି । ମୋ' ଭିତରେ ଏପରି ଏକ ଉପାଦାନ ରହିଛି, ଯାହାକି ଆଜି ମୋତେ ମୋ' ଦୁଃଖଟିକୁ ଚିତ୍କାର କରି କହିଦେବାକୁ ପ୍ରେରିତ କରୁଛି । ମୁଁ ମନୁଷ୍ୟ ମାନଙ୍କର ପୃଥିବୀଟିକୁ ଜାଣିଛି । ମୁଁ ମନୋବିଜ୍ଞାନରୁ ମଧ କିଞ୍ଚିତ ଅଧ୍ୟୟନ କରିଛି । ସେହି ଉପାଦାନାଟି ଯେ ପ୍ରକୃତରେ କ'ଣ, ଏପରି ଜଣେ ବ୍ୟକ୍ତିଙ୍କୁ ତାହା ଅବଶ୍ୟ ଜଣାଥବ । ଆପଣମାନେ କିପରି ବର୍ଣ୍ଣନା କରିବେ, ସେକଥା ମୁଁ ଜାଣିନାହିଁ, ଭିତରେ ଥିବା ସେହି ବାଣୀଟି କହୁଛି, ''ହୁଏତ ଏକାକୀ ଛିଡ଼ା ହେବାକୁ ପଡୁଥିଲେ ମଧ ତୋତେ ସମଗ୍ର ପୃଥିବୀ ବିରୋଧରେ ଛିଡ଼ା ହେବାକୁ ପଡ଼ିବ । ପୃଥିବୀ ତୋ' ଆଡ଼କୁ ହୁଏତ ରକ୍ତରଞ୍ଜିତ ଆଡ଼େ ଅନାଉଥିଲେ ମଧ ତୋତେ ସମଗ୍ର ପୃଥିବୀ ଆଡ଼କୁ ସିଧା ମୁହାଁମୁହିଁ ହୋଇ ଅନାଇବାକୁ ପଡ଼ିବ । ତୁ ଭୟ କରନା, ତୋ ହୃଦୟ ଭିତରେ ରହିଥିବା କ୍ଷୁଦ୍ର ସ୍ୱରଟି ଉପରେ ଆସ୍ଥା ରଖିଥା' ।'' ସିଏ କହୁଛି ''ବନ୍ଧୁ, ପତ୍ନୀ ଓ ଆଉ ସମସ୍ତଙ୍କୁ ବିସର୍ଜନ କରି ଚାଲିଆ'; ମାତ୍ର ଯାହା ପାଇଁ ତୁ ବଞ୍ଚି ଆସିଛୁ ଓ ଯାହା ପାଇଁ ତୋତେ ମରିବାକୁ ପଡ଼ିବ, ତୋତେ ତାହାରି ପରୀକ୍ଷା ଦେବାକୁ ପଡ଼ିବ ।

# କ୍ଷତିକାରକ ଏକକ ବ୍ୟବହୃତ ପ୍ଲାଷ୍ଟିକ୍

ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ମନୁଷ୍ୟ ସମାଜରେ ବଢୁଥିବା କ୍ୟାନ୍ସର ପାଇଁ ଅତି କ୍ଷୁଦ୍ର ପ୍ଲାଷ୍ଟିକ ଦାୟୀ । କରୋନା ବ୍ୟାପିବାରେ ମଧ ଏହି ପ୍ଲାଷ୍ଟିକ ସାମଗ୍ରୀ ଦାୟୀ ବୋଲି କେତେକ ବୈଜ୍ଞାନିକ ମତ ପ୍ରକାଶ କରିଥିଲେ । କେବଳ ବିଭିନ୍ନ ବ୍ୟାଧି ସୃଷ୍ଟି ପାଇଁ ନୁହେଁ, ପରିବେଶ ସନ୍ତୁଳନ ବିଗିଡିବାରେ ମଧ ଏହି ଏକକ ବ୍ୟବହୃତ ପ୍ଲାଷ୍ଟିକର ଭୂମିକା ରହିଛି । ଏହି ପ୍ଲାଷ୍ଟିକକୁ ପୋଡ଼ିଲେ ବା ଏହା ବହୁଦିନ ରହିଗଲା ପରେ ଏଥିରୁ ସବୁଜ କୋଠରି ବାଷ୍ପ କେତେକ ବିଷାକ୍ତ ବାଷ୍ପ ନିର୍ଗତ ହୁଏ । ଏହା ଯୋଗୁ ବାୟୁମଣ୍ଡଳ ଦୂଷିତ ହୁଏ । ସବୁଜ କୋଠରି ବାଷ୍ପ ଭୂତାପ ମାତ୍ରା ବୃଦ୍ଧି ପାଇଁ ମୁଖ୍ୟତଃ ଦାୟୀ । ଏଥିପାଇଁ କୁହାଯାଇଛି ଯେ କେବଳ ମନୁଷ୍ୟ ଦ୍ୱାରା ସୃଷ୍ଟି ବର୍ଜ୍ୟ ବସ୍ତୁକୁ ହଜମ କରିବାର କ୍ଷମତା ପୃଥିବୀମାତାର ନାହିଁ । ତେଣୁ ଏକବିଂଶ ଶତାବ୍ଦୀରେ ପୃଥିବୀକୁ ମାଡି ଆସୁଥିବା ମହାବିପତ୍ତି ମଧ୍ୟରୁ ପ୍ଲାଷ୍ଟିକ ପ୍ରଦୂଷଣ ଅନ୍ୟତମ । ତେଣୁ ଏହି ସୁନ୍ଦର ପୃଥିବୀକୁ ଓ ଆମର ଭବିଷ୍ୟତ ପିଢ଼ିକୁ ଏହି ବିସ୍ମୃତିରୁ ରକ୍ଷା କରିବା ପାଇଁ ସମସ୍ତଙ୍କୁ ଗଭୀର ଚିନ୍ତା କରିବାର ସମୟ ଉପସ୍ଥିତ । ସେଥିପାଇଁ ଆମକୁ '୫ ଆର' ଉପରେ ଧ୍ୟାନ ଦେବାକୁ ପଡ଼ିବ । ସେହି '୫ ଆର୍' ର ଅର୍ଥ ଯେତେ ସମ୍ଭବ ଆମେ ପ୍ଲାଷ୍ଟିକରୁ ତିଆରି ପଦାର୍ଥର ବ୍ୟବହାର କମେଇବା । ପଲିଥିନ ଜରି ବଦଳରେ କପଡ଼ା ବ୍ୟବାହାର କରିବା, ପ୍ଲାଷ୍ଟିକ ଆବରଣ ସ୍ଥାନରେ କପଡ଼ା ଆବରଣ ବ୍ୟବହାର କରିବା, ପ୍ଲାଷ୍ଟିକ ଚାମଚ ସ୍ଥାନରେ କାଠ କିମ୍ବା ଧାତୁ ଚାମଚ ବ୍ୟବହାର କରିବା, ପ୍ଲାଷ୍ଟିକ ଥାଳି ବଦଳରେ ପତ୍ର କିମ୍ବା ଧାତୁ ଥାଳି ବ୍ୟବହାର କରିବା, ପ୍ଲାଷ୍ଟିକ ଗ୍ଲାସ ବଦଳରେ କାଚ କିମ୍ବା ସୋଲ ଗ୍ଲାସ ବ୍ୟବହାର କରିବା, ପ୍ଲାଷ୍ଟିକ ବୋତଲ ବଦଳରେ କାଚ ବୋତଲ ବ୍ୟବହାର କରିବା ଦ୍ୱାରା ଆମେ ପ୍ଲାଷ୍ଟିକ ବ୍ୟବହାର କମାଇ ପରିବା । ପୁନଃ ବ୍ୟବହାର ମାନେ ପ୍ଲାଷ୍ଟିକ ସାମଗ୍ରୀଗୁଡ଼ିକୁ ଥରେ ବ୍ୟବହାର ପରେ ଫୋପାଡ଼ି ନ ଦେଇ ବାରମ୍ବାର ବ୍ୟବହାର କରିବା । ଏତଦ୍ୱାରା ପ୍ଲାଷ୍ଟିକ ସାମଗ୍ରୀର ଚାହିଦା ସହିତ ଉତ୍ପାଦନ ମଧ ହ୍ରାସ ପାଇବ । ଏଥିରେ ମଧ ଟିକେ ସାବଧାନ ହେବାକୁ ପଡ଼ିବ । ବାରମ୍ବାର ବ୍ୟବହାର କରିବା ଅର୍ଥ ନୁହେଁ ଏତେ ଅଧିକ ବ୍ୟବହାର କରିବା ଯେ ପ୍ଲାଷ୍ଟିକର ବିଷାକ୍ତ ପ୍ରଭାବ ଆମ ଉପରେ ପଡ଼ିବ । କୌଣସି ପ୍ଲାଷ୍ଟିକ ସାମଗ୍ରୀର ବୈଧ ସମୟ ସରିବା ପରେ ତାକୁ ଆଉ ବ୍ୟବହାର କରିବା ଉଚିତ ନୁହେଁ । ପ୍ଲାଷ୍ଟିକ ସାମଗ୍ରୀକୁ ସଂଗ୍ରହ କରି ପୁଣି ଥରେ ସେଥିରୁ ନୂଆ ପ୍ଲାଷ୍ଟିକ ସାମଗ୍ରୀ ପ୍ରସ୍ତୁତ କରିବା । ଏପରି କଲେ ପ୍ଲାଷ୍ଟିକରୁ ପ୍ରସ୍ତୁତ ସାମଗ୍ରୀ ବର୍ଜ୍ୟର ହ୍ରାସ ଘଟିବ । ଏହା ଉପରେ ଅଧିକ ଗବେଷଣା କରାଯିବାର ଅର୍ଥ ଏଇଆ ଯେ, ରସାୟନ ବିଜ୍ଞାନୀମାନେ ଭବିଷ୍ୟତରେ ଗବେଷଣା କରି ନୂତନ ପରିବେଶଗ୍ରାହୀ ପଲିମର ବା ପ୍ଲାଷ୍ଟିକ ଉଦ୍ଭାବନ କରିବେ । ଏହାଦ୍ୱାରା ପ୍ଲାଷ୍ଟିକ ପ୍ରଦୂଷଣ ଓ ଏହାର ବିଷାକ୍ତ ପ୍ରବାହରୁ ପୃଥିବୀ ତଥା ମାନବ ସମାଜ ମୁକ୍ତି ପାଇବ । ପ୍ଲାଷ୍ଟିକ ଉତ୍ପାଦନଠାରୁ ଆରମ୍ଭ କରି ଏହାର ବ୍ୟବହାର ଓ ନିକାଶ ପର୍ଯ୍ୟନ୍ତ କୌଶଳକୁ ଆଉ ଥରେ ନୂତନ ଭାବରେ ଚିନ୍ତା କରିବାକୁ ପଡ଼ିବ, ଯଦ୍ୱାରା ଆମେ ଭଲରେ ରହିବା ସହିତ ଆମର ଉତ୍ତର ପିଢ଼ି ମଧ ଭଲରେ ରହିବେ । ନଚେତ୍ ଆମ ଅଣ ନାତି ଓ ନାତୁଣୀମାନଙ୍କ ଖାଦ୍ୟର ମୁଖ୍ୟ ଉପାଦାନ ଅତି କ୍ଷୁଦ୍ର ପ୍ଲାଷ୍ଟିକ କଣିକା ହିଁ ହୋଇଥିବ । ତେଣୁ ସମସ୍ତେ ସଜାଗ ହୁଅନ୍ତୁ ଓ ପ୍ଲାଷ୍ଟିକ ପ୍ରଦୂଷଣ ରାକ୍ଷସ ପ୍ରଭାବରୁ ଆମ ସୁନ୍ଦର ପୃଥିବୀକୁ ରକ୍ଷା କରନ୍ତୁ ।

# ରକ୍ତଚାପ ନିୟନ୍ତ୍ରଣ କରେ ମୂଳା

ମୂଳାରେ ପୋଟାସିୟମର ମାତ୍ରା ଅଧିକ ଥାଏ । ଏହା ଶରୀରରେ ସୋଡିୟମ- ପୋଟାସିୟମ ମାତ୍ରା ସନ୍ତୁଳନରେ ସାହାଯ୍ୟ କରିଥାଏ । ଯାହାଦ୍ୱାରା ରକ୍ତଦ୍ୱାରା ରକ୍ତଚାପ ନିୟନ୍ତ୍ରିତ ହୋଇଥାଏ । ଏହା ତ୍ୱଚାକୁ ମଧ ସୁସ୍ଥ ରଖିଥାଏ । ଥଣ୍ଡା କାଶରୁ ମୁକ୍ତି ପାଇଁ ଡାଏଟରେ ମୂଳା ସାମିଲ କରନ୍ତୁ । ଏହାକୁ ସାଲାଡରେ ବ୍ୟବହାର କରି ପାରିବେ । ଏଥିରେ ଡିକଞ୍ଜେଷ୍ଟେଣ୍ଟ ଯୌଗିକ ରହିଛି । ହାର୍ଟ ସମସ୍ୟା ଦୂର କରିବାରେ ସାହାଯ୍ୟ କରେ । ସୁଗର ନିୟନ୍ତ୍ରଣ କରିଥାଏ । ମୂଳାରେ ଫାଇବରର ମାତ୍ରା ରହିଛି ଯାହା ପେଟ ରୋଗରୁ ମୁକ୍ତି ଦିଏ । ଖାଦ୍ୟ ହଜମରେ ସାହାଯ୍ୟ କରେ । ଏହାଦ୍ୱାରା ସୁଗର ସ୍ତର ଅଚାନକ ବଢ଼େ ନାହିଁ ଯାହା ଡାଇବେଟିସ୍ ରୋଗୀଙ୍କ ପାଇଁ ଜରୁରୀ । ମୂଳା ଇନସୁଲିନ୍ କଣ୍ଟ୍ରୋଲ କରିଥାଏ । ମୂଳାରେ ଥିବା ଡାଇୟୁରେଟିକ୍ କ୍ୱାଲିଟି କିଡନୀ ଡିଟକ୍ସ କରିବାରେ ସାହାଯ୍ୟ କରେ ।



# ଓଜନ କମାଏ ପୋଟଳ

ପୋଟଳ ଓଜନ କମ୍ କରିବା ସହ କୋଷ୍ଠକାଠିନ୍ୟ କମ୍ କରିବାରେ ସାହାଯ୍ୟ କରିଥାଏ । ଏହା ରକ୍ତରେ କୋଲେଷ୍ଟ୍ରଲ ଓ ସୁଗର ସ୍ତର ନିୟନ୍ତ୍ରିତ କରିଥାଏ ।



ପୋଟଳ ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇଥାଏ । ନିୟମିତ ପୋଟଳ ଖାଇବା ଦ୍ୱାରା ଥଣ୍ଡା ଓ ଫ୍ଳୁ ସମସ୍ୟା କମ୍ କରାଯାଇ ପାରେ ।

ପୋଟଳରେ ଭରପୁର ମାତ୍ରାରେ ଫାଇବର୍ ଥାଏ ଯାହା ପାଚନରେ ସାହାଯ୍ୟ କରେ । ଲିଭର୍ ସମ୍ବନ୍ଧୀୟ ସମସ୍ୟା ମଧ ଦୂର କରିଥାଏ । ଭୋକ ନିୟନ୍ତ୍ରଣ କରିଥାଏ । କମ୍ କ୍ୟାଲୋରି ଥିବା ସହିତ ଅଧିକ ସମୟ ପର୍ଯ୍ୟନ୍ତ ଖାଲି ପେଟ ରହିହୁଏ । ପୋଟଳରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ଏ ଓ ସି'ର ମାତ୍ରା ଅଧିକ ।

## ବିଟ୍‌ର ଉପକାରିତା

ବିଟ୍ ମାଟି ତଳେ ଫଳୁଥିବା ଏକ ଶୀତ ଦିନିଆ ପରିବା । ସ୍ୱାଦ ବଢ଼ାଇବା ଏବଂ ରଙ୍ଗ ପାଇଁ ଏହାକୁ ବିଭିନ୍ନ ପ୍ରକାରର ଖାଦ୍ୟରେ ବ୍ୟବହାର କରାଯାଇଥାଏ । ଏଥି ସହିତ ବିଟରେ ରହିଛି ପ୍ରଚୁର ପରିମାଣର ପୋଷକ ତତ୍ତ୍ୱ, ଯାହା ସ୍ୱାସ୍ଥ୍ୟ ପାଇଁ ରାମବାଣ ତୁଲ୍ୟ କାମ କରିଥାଏ ।

ବିଟକୁ କଞ୍ଚା, ସୁପ, ସାଲାଡ ଓ ସୁଜି ତଥା ବିଭିନ୍ନ ଖାଦ୍ୟ ପ୍ରସ୍ତୁତିରେ ମଧ ବ୍ୟବହାର କରାଯାଇଥାଏ । ଲାଲ୍‌ରଙ୍ଗ ଯୋଗୁଁ ମଧ ଏହା ସୁପରଫୁଡ୍ ଭାବେ ପରଗଣିତ ।

ବିଟରେ ବିଭିନ୍ନ ପ୍ରକାର ପୋଷକ ତତ୍ତ୍ୱ ଓ ଆଣ୍ଟି ଅକ୍ସିଡାଣ୍ଟସ ଗୁଣ ଭରି ରହିଛି ଯାହା ଶରୀର ଲାଗି ଅତ୍ୟଧିକ ଲାଭଦାୟକ । ପ୍ରତିଦିନ ବିଟ ଖାଇବା ଦ୍ୱାରା ବ୍ଲଡ ପ୍ରେସର ସନ୍ତୁଳିତ ହୋଇଥାଏ ଓ କବଜ, କ୍ୟାନସରରୁ ରକ୍ଷା ମିଳିଥାଏ । ବିଟ୍ ଲିଭରର ସୁରକ୍ଷା କବଚ ଭାବେ କାର୍ଯ୍ୟ କରେ । ଏହା ମୁତ୍ର ଜରିଆରେ ଶରୀରରୁ ବିଷାକ୍ତ ପଦାର୍ଥ ବାହାରକୁ ବାହାର କରିବା ସହିତ ଡିଟକ୍ସିଫିକେଶନ ପ୍ରକ୍ରିୟାରେ ସହାୟତା ପ୍ରଦାନ କରିଥାଏ ।

ତ୍ୱଚା ଚମକ : ବିଟକୁ କାଟି ସିଝାଇ



ଗ୍ରାଇଣ୍ଡିଂ କରି ମୁହଁ ଓ ଗଳାରେ ଲଗାନ୍ତୁ । ୩୦ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାଇ ରଖି ନିୟମିତ ଥଣ୍ଡା ପାଣିରେ ଧୋଇଲେ ଏହା ତ୍ୱଚାରେ ଗୋଲାପୀ ଚମକ ପ୍ରଦାନ କରିଥାଏ ।

ରକ୍ତହୀନତା ଦୂର କରେ : ଏଥିରେ ପ୍ରଚୁର ପରିମାଣର ଆଇରନ ରହିଥିବାରୁ ଏହା ଲାଲ ରକ୍ତକଣିକା ସୃଷ୍ଟି କରିବାରେ ବେଶ୍ ସହାୟକ ହେବା ସହିତ ରକ୍ତ ଅଭାବକୁ ପୂରଣ କରିଥାଏ ।

ମଧୁମେହ : ବିଟରେ ପଲିଫେନୋଲ୍ସ, ଫ୍ଲେବୋନଏଡସ ଓ ଆଣ୍ଟିଅକ୍ସିଡାଣ୍ଟ ଏବଂ ଫାଇବରର ସ୍ରୋତ ରହିଛି ଯାହା ମଧୁମେହ ସ୍ତରକୁ କମ୍ କରିବାରେ ସହାୟକ ହୋଇଥାଏ ।

ଅସ୍ଥି ମଜଭୁତ : ବିଟରେ ପ୍ରଚୁର ପରିମାଣର କ୍ୟାଲସିୟମ୍ ରହିଥିବା ହେତୁ ଏହା ପ୍ରତିଦିନ ଖାଇବା ଦ୍ୱାରା ଦାନ୍ତ ମଜଭୁତ ହେବା ସହିତ ଅସ୍ଥି ମଜଭୁତ ହୋଇଥାଏ ।

ଗର୍ଭବତୀଙ୍କ ପାଇଁ : ଗର୍ଭାବସ୍ଥାରେ ବିଟ ଖାଇବା ଖୁବ୍ ଲାଭଦାୟକ ହୋଇଥାଏ । ଏଥିରେ ଥିବା ଫଲେଟ ଓ ମାଙ୍ଗାନିଜ, ପୋଟାସିୟମ, ଭିଟାମିନ-ସି, ଫସଫରସ ଗର୍ଭସ୍ଥ ଶିଶୁ ଓ ମା'କୁ ସୁସ୍ଥ ରଖିଥାଏ ।

ହୃଦୟ ସୁସ୍ଥ : ହୃଦୟକୁ ସୁସ୍ଥ ରଖିବା ପାଇଁ ବିଟ୍ ଖୁବ୍ ସହାୟକ ହୋଇଥାଏ । ଏଥିରେ ଥିବା ଭିଟାମିନ୍ ଓ ମିନେରାଲ୍ସ ହୃଦୟକୁ ସୁସ୍ଥ ରଖିଥାଏ । ହୃଦୟ ରୋଗରୁ ରକ୍ଷା ପାଇବା ପାଇଁ ବିଟ୍ ପ୍ରତିଦିନ ନିଶ୍ଚୟ ଖାଆନ୍ତୁ ।

## ଆପଣ ଜାଣନ୍ତି କି ?

- ସାଧାରଣତଃ ଧଳା ଏବଂ ନୀଳ ରଙ୍ଗକୁ ସ୍କୁଲ ପୋଷାକ ଭାବରେ ଗ୍ରହଣ କରାଯାଇଥାଏ ।
- ଛିଙ୍କିବା ସମୟରେ ଆମ ହୃତ୍‌ପିଣ୍ଡ ମି.ଲି ସେକେଣ୍ଡ ପର୍ଯ୍ୟନ୍ତ ସ୍ଥିର ହୋଇଯାଏ ।
- ଛିଙ୍କିବା ସମୟରେ କିଛି ମୁହୂର୍ତ୍ତ ପାଇଁ ପ୍ରାୟ ସମସ୍ତଙ୍କର ଆଖି ବନ୍ଦ ହୋଇଥାଏ ।
- ପ୍ରାୟ ଶାକାହାରୀ ମଣିଷ କାକୁଡି ଖାଇଥାନ୍ତି ।
- ପୃଥିବୀ ଜାନୁଆରୀ ମାସରେ ସୂର୍ଯ୍ୟଙ୍କ ନିକଟବର୍ତ୍ତୀ ହୋଇଥାଏ ।
- ଜିଭ ବାହାର କରି ନାକରେ ନିଃଶ୍ୱାସ ନେବା ଅସମ୍ଭବ ।
- ମୁଣ୍ଡର କେଶକୁ ଗଣିବା ଅସମ୍ଭବ ।
- ଆମେରିକାରେ ପ୍ରତ୍ୟହ ୨୨୦୦ ଲୋକ ହୃଦ୍‌ରୋଗରେ ମରିଥାନ୍ତି ।
- ଗୋଟିଏ ସିଗାରେଟ୍ ୧୧ ମିନିଟ୍ ଭିତରେ ଜଣଙ୍କ ଜୀବନ ନେଇଥାଏ ।
- ସମୁଦ୍ରକୂଳ ଖରା ଖୁବ୍‌ଶୀଘ୍ର ଦେହରେ ସନ୍‌ବର୍ଣ୍ଣ ସୃଷ୍ଟି କରେ ।
- ଅଧିକ ମିଠା ଏବଂ ଚକୋଲେଟ୍ ଖାଉଥିବା ଲୋକ ବେଶୀ ଖୁସୀ ଥାଆନ୍ତି ।
- ଅନ୍ଧାର ଘରେ ଗୋଲ୍ଡଫିସ୍ ରଖିଲେ, ସେ ତା'ର ରଙ୍ଗ ହରାଇ ଥାଏ ।
- ଗ୍ରୀନ୍‌ଲ୍ୟାଣ୍ଡରେ ଥିବା ସାର୍କ ଧଳା ଭାଲୁ ଖାଇଥାନ୍ତି ଏବଂ ୨୦୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି ।
- ଟଏଲେଟ୍ ଅପେକ୍ଷା କମ୍ପ୍ୟୁଟର କି- ବୋର୍ଡରେ ୨୦୦ ଅଧିକ ବ୍ୟାକ୍ଟେରିଆ ରହିଥାଏ ।

## ବାଇଗଣର ଲାଭ

ବାଇଗଣ ଏକ ପରିବା ରୂପେ ଖାଦ୍ୟରେ ବ୍ୟବହାର କରାଯାଇଥାଏ । ଯାହାକୁ ଖାଦ୍ୟ ରୂପେ ଗ୍ରହଣ କରିବାକୁ ଅମଙ୍ଗ ହୋଇଥାନ୍ତି । କିନ୍ତୁ ବାଇଗଣରେ ଉପକାରିତା ଗୁଣ ବହୁ ପରିମାଣରେ ଭରି ରହିଛି ।



ବାଇଗଣ ଚର୍ମକୁ ସୁସ୍ଥ, ସବଳ ତଥା ଉଜ୍ଜଳ ବନାଇବାରେ ସାହାଯ୍ୟ କରିଥାଏ । କାରଣ ଏଥିରେ ସ୍ୱାସ୍ଥ୍ୟ ଉପକାରୀ ଭିଟାମିନ୍ ମିନେରାଲ, ଫାଇବର ସହ ଅତ୍ୟଧିକ ଆଣ୍ଟିଅକ୍ସିଡେଣ୍ଟ ମିଳିଥାଏ । ଯାହା ବ୍ରଣ ଭଳି ଚର୍ମ ହାନିକାରକ ରୋଗକୁ କମାଇଥାଏ ।

ଏହା ଚର୍ମକୁ ମଇଶ୍ଚର ରଖିବାରେ ଉପାଦେୟ ହୋଇଥାଏ । ଯଦି ଆପଣଙ୍କ ଚର୍ମ ଶୁଷ୍କ କିମ୍ବା କେଶ ଡ୍ରାଏ ଅଛି ତେବେ ବାଇଗଣକୁ ଖାଦ୍ୟ ରୂପେ ଅଧିକ ବ୍ୟବହାର କରନ୍ତୁ ।

ଏହା ବ୍ୟତୀତ ଏଥିରେ ଆଇରନ, କ୍ୟାଲସିୟମ ପ୍ରଚୁର ମାତ୍ରାରେ ରହିଥାଏ । ଏହା ଖାଇବା ଦ୍ୱାରା ମଧୁମେହ ଏବଂ ହୃଦରୋଗ ଭଳି ରୋଗ ହେବାର ଆଶଙ୍କା କମ୍ ହୋଇଥାଏ ।

ଏଥିରେ ଆଣ୍ଟିଅକ୍ସିଡେଣ୍ଟ ଏବଂ ଆର୍ଥୋୟନିସ ଅଧିକ ଥାଏ । ଯାହା ବୟସ ବଢ଼ିବାର ପ୍ରକ୍ରିୟାକୁ କମ୍ କରିଥାଏ ।

ଏଥିରେ ଫାଇବର ମାତ୍ରା ଅଧିକ ରହିଥିବାରୁ ଏହା ଭିଟାମିନରେ ଭରପୁର ହୋଇଥାଏ । ଫଳରେ ପେଟ ସଫା ହେବାରେ ଏହା ସହାୟକ ହୋଇଥାଏ ।

ଅତ୍ୟଧିକ ପାଣି ରହିଥିବାରୁ ଏହା ତ୍ୱଚାକୁ ହାଇଡ୍ରେଟ୍ କରିଥାଏ । ସେହିପରି ଏହା କଲୋଷ୍ଟ୍ରୋଲ ସ୍ତରକୁ କମାଇଥାଏ । କାରଣ ଏଥିରେ କ୍ୟାଲସିୟମ୍ ଓ ମ୍ୟାଗ୍ନେସିୟମ ରହିଥାଏ ।

ଭିଟାମିନ୍ 'ସି' ଥିବାରୁ ଏହା ଖାଇବା ଦ୍ୱାରା ରୋଗ ପ୍ରତିରୋଧ କ୍ଷମତା ବୃଦ୍ଧି ହୋଇଥାଏ ଏବଂ ସଂକ୍ରମଣରୁ ରକ୍ଷା କରିଥାଏ ।

ସବୁଠାରୁ ବାଇଗଣର ଭଲ ଗୁଣ ହେଉଛି ଯଦି ଆପଣ ସିଗାରେଟ ଛାଡିବାକୁ ଚାହାନ୍ତି ତାହାହେଲେ ବାଇଗଣ ଅଧିକ ଖାଆନ୍ତୁ । କାରଣ ଏଥିରେ ଥିବା ନିକୋଟିନର ମାତ୍ରା ସୀମିତ ରହିଥାଏ ।

ବାଇଗଣର ରସ ଦାନ୍ତ ବଥାଉଥିଲେ ଏହା ଫଳପ୍ରଦ ହୋଇଥାଏ ।

ଏହା ଚର୍ବିକୁ ଜଳେଇ କ୍ୟାଲୋରୀକୁ କମ୍ କରିଥାଏ । ଏହାକୁ ଖାଇବା ଦ୍ୱାରା ଶୀଘ୍ର ଭୋକ ହୋଇ ନ ଥାଏ । କାରଣ ଫାଇବର ଦ୍ୱାରା ପେଟପୁରା ହୋଇ ଥାଏ ଏହା ଦ୍ୱାରା ଆମ ଶରୀରର ଓଜନ ମଧ ହ୍ରାସ ହୋଇଥାଏ । ଭୋଜନର ଠିକ୍ ପୂର୍ବରୁ ଅଧା ସିଝା ବାଇଗଣ ସାଙ୍ଗରେ ସାଲାଡ ଏବଂ ସବୁଜ ପରିବାକୁ ଯଦି ସେବନ କରାଯାଏ ତ ଧିରେ ଧିରେ ଆମ ଶରୀରର ଓଜନ କମିବାକୁ ଲାଗିଥାଏ ।

## ମହିଳାଙ୍କ ପାଇଁ ଲାଭକାରୀ କସୁରୀ ମେଥି

ମେଥି ଖାଦ୍ୟର ସ୍ୱାଦ ବଢ଼ାଇବା ସହିତ ଅନେକ ରୋଗରୁ ମୁକ୍ତି ଦେଇଥାଏ । ପ୍ରତିଦିନ ଭିନ୍ନ ଭିନ୍ନ ଉପାୟରେ ମେଥି ପ୍ରୟୋଗ କରିବା ଦ୍ୱାରା ଅନେକ ରୋଗରୁ ମୁକ୍ତି ମିଳିଥାଏ । ମେଥି ଦାନାର ପାଣି ମଧ ଔଷଧ ଭଳି କାମ କରେ । ଏହାଦ୍ୱାରା କୋଲେଷ୍ଟ୍ରଲ୍ ମାତ୍ରା କମ୍ ହେବା ସହ ସୁଗର ନିୟନ୍ତ୍ରଣ ହୋଇଥାଏ ।



ମେଥିଦାନା ରକ୍ତରେ ସୁଗର ମାତ୍ରା ନିୟନ୍ତ୍ରଣ କରିବା ସହିତ ଇନସୁଲିନ ପ୍ରଭାବକୁ ଉତ୍ତମ କରିଥାଏ । ସେଥି ପାଇଁ ଏହା ଡାଇବିଟିସ୍ ସମସ୍ୟା ପାଇଁ ଉପକାରୀ । ଆଣ୍ଠୁଗଣ୍ଠି ଦରଜ ହେଉଥିଲେ ମେଥି ଖାଇବା ଉଚିତ । ଏହି ଦାନା ଆର୍ଥରାଇଟିସରେ ଆରାମ ଦେଇଥାଏ । ମେଥି ହୃଦୟ ରୋଗ ପାଇଁ ଉପକାରୀ । ଏହାକୁ ଖାଇବା ଦ୍ୱାରା ହାର୍ଟ ଆଟାକ୍ ଆଶଙ୍କା କମ୍ ହୋଇଥାଏ । ମେଥି ଦାନା ପେଟ ସମସ୍ୟା ଦୂର କରିବା ସହିତ ଏସିଡିଟିରୁ ମୁକ୍ତି ଦେଇଥାଏ ।

ଯେଉଁ ମହିଳାମାନେ ପେଟ ଜନିତ ସଂକ୍ରମଣ ଭୋଗ କରୁଥାନ୍ତି, ସେମାନେ କସୁରୀ ମେଥି ସେବନ କରିବା ଉଚିତ୍ । ଏହାଛଡ଼ା ଦୈନନ୍ଦିନ କସୁରୀ ମେଥିର ସେବନ ଦ୍ୱାରା ହାର୍ଟ, ଗ୍ୟାଷ୍ଟ୍ରିକ୍ ଏବଂ ପାକସ୍ଥଳୀ ସମସ୍ୟାରୁ ମଧ ଉପଶମ ମିଳିଥାଏ । ଏଥିପାଇଁ କସୁରୀ ମେଥିକୁ ଚୁରି ସେଥିରେ କିଛି ବୁନ୍ଦା ଲେମ୍ବୁ ରସ ମିଶାଇ ସେବନ କରିବା ଉଚିତ୍ ।

**ପ୍ରସବ ପରେ ଫାଇଦା :** କସୁରୀ ମେଥି ସେବନ ପ୍ରସବ ପରେ ବେଶ୍ ଫାଇଦା ଦେଇଥାଏ । ସ୍ତନ୍ୟପାନ କରାଉଥିବା ମହିଳାମାନେ କସୁରୀ ମେଥି ସେବନ କରିବା ଉଚିତ୍ । ଏଥିରେ ଥିବା ଜରୁରୀ ତତ୍ତ୍ୱ ଶିଶୁକୁ ନିରୋଗ ରଖିଥାଏ ।

**ଏନିମିଆରୁ ରକ୍ଷା :** ଭାରତରେ ପ୍ରତି ୪ ଜଣରେ ୩ ଜଣ ମହିଳା ଏନିମିଆର ଶିକାର । ଏମିତିରେ ମହିଳାଙ୍କ ପାଇଁ କସୁରୀ ମେଥି ସେବନ ବିଶେଷ ଲାଭପ୍ରଦ । ଏଥିରେ ପ୍ରଚୁର ମାତ୍ରାରେ ଆଇରନ ଥାଏ, ଯାହା ଶରୀରରେ ହିମୋଗ୍ଲୋବିନ୍ ସ୍ତର ବୃଦ୍ଧି କରେ । ତେଣୁ ଶରୀରରେ ରକ୍ତର ପରିମାଣ କମ୍ ଥିଲେ, କସୁରୀ ମେଥିକୁ ଦୈନନ୍ଦିନ ଭୋଜନ ତାଲିକାର ହେଉ ଅବା ଚୂର୍ଣ୍ଣ କରି ସେବନ କରି ପାରିବେ ।

**ହର୍ମୋନ୍ ପରିବର୍ତ୍ତନରେ ନିୟନ୍ତ୍ରଣ :** ଶରୀରରେ ଜୀବନସାରା ହର୍ମୋନ୍ ସ୍ତର ପରିବର୍ତ୍ତନ ହେଉଥାଏ । ମହିଳାଙ୍କ ଠାରେ ଏହି ପରିବର୍ତ୍ତନ ଅଧିକ ଦେଖାଯାଏ । କାରଣ ଋତୁସ୍ରାବ, ଗର୍ଭାବସ୍ଥା ଆଦି କାରଣରୁ ଶରୀରରେ ଅନେକ ପ୍ରକାର ପରିବର୍ତ୍ତନ ହୋଇଥାଏ । ଏମିତିରେ କସୁରୀ ମେଥି ସେବନ ଦ୍ୱାରା ହର୍ମୋନ୍ ପରିବର୍ତ୍ତନକୁ ନିୟନ୍ତ୍ରଣରେ ରଖିହେବ ।

## କହିପାରିବେ କି ?

(୧) ଦ୍ରୌପଦୀର ବସ୍ତ୍ର ହରଣ ବେଳେ ପାଣ୍ଡବଙ୍କ କେଉଁ ଭାଇ ଦୁଃଶାସନକୁ ହତ୍ୟା କରିବା ପାଇଁ ପ୍ରତିଜ୍ଞା କରିଥିଲେ ?
(୨) ମହାଭାରତ ଯୁଦ୍ଧ କେଉଁଠାରେ ହୋଇଥିଲା ?
(୩) କେତେଦିନ ପାଇଁ ମହାଭାରତ ଯୁଦ୍ଧ ହୋଇଥିଲା ?
(୪) ଭାଟିକାନ ସିଟିରେ ପୋପ୍ କେତେ ବର୍ଷ ପାଇଁ ରାଷ୍ଟ୍ରପତି ନିଯୁକ୍ତ କରିଥାନ୍ତି ?
(୫) ଭାଟିକାନ ସିଟିରେ ଚାଲୁଥିବା ମୁଦ୍ରା ଆଉ କେଉଁଠାରେ ଚାଲେ ?
(୬) ଭାଟିକାନ ସିଟିରେ କେବେ ରେଲ ଷ୍ଟେସନ ନିର୍ମାଣ ହୋଇଥିଲା ?
(୭) କେଉଁ ଯୁଦ୍ଧ ଜାହାଜ ଯିଏକି ବରଫ ଖଣ୍ଡ ସହ ଧକ୍କା ଖାଇ ବୁଡ଼ି ଯାଇଥିଲା ?
(୮) ଷ୍ଟେଚ୍ୟୁ ଅଫ୍ ଲିବର୍ଟି କେଉଁଠି ଅଛି ?
(୯) କାହାର ନାମ ଅନୁଯାୟୀ ଷ୍ଟେଚ୍ୟୁ ଅଫ୍ ଲିବର୍ଟିର ନାମ କରଣ କରାଯାଇଛି ?
(୧୦) ଷ୍ଟେଚ୍ୟୁ ଅଫ୍ ଲିବର୍ଟିର ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହୋଇଥିଲା ?

### JUMBLE WORDS

| | | | |
|---|---|---|---|
| 1) OGD | = | 6) CHTAHEE | = |
| 2) NKEDOY | = | 7) TAC | = |
| 3) LEODRAP | = | 8) LONI | = |
| 4) OWC | = | 9) EARB | = |
| 5) ERGIT | = | 10) HORES | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ତାଞ୍ଜାନିଆ, ୨.ହଁଶୁ,୩.ଶ୍ରୀଲଙ୍କା, ୪.ଭିକ୍ଟୋରିଆ, ୫.ଇଣ୍ଡସ୍ ନଦୀ, ୬.ଇଟାଲୀ, ୭.ପୋପ୍, ୮.ବାଲ୍ମୀକି, ୯.ବ୍ୟାସଦେବ, ୧୦.ଅଶ୍ୱତ୍ଥାମା ।

***Jumble Words*** **ର ଉତ୍ତର :-**

(1) CROW (2) DOVE (3) SPARROW (4) OWL (5) EAGLE
(6) HEN (7) PARROT (8) RAVEN (9) STORK (10) SWAN

# ବିରାଜ ଷ୍ଟିଲ୍‌ର ପ୍ରଦୂଷଣ ଯୋଗୁଁ ସ୍ଥାନୀୟ ଅଧିବାସୀ ଅତିଷ୍ଠ

ସମ୍ବଲପୁର : ରେଙ୍ଗାଲି ବ୍ଲକରେ ଥିବା ବିରାଜ୍ ଷ୍ଟିଲ୍ ପ୍ରଦୂଷଣ ନିୟନ୍ତ୍ରଣ ଆଇନକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରି ପ୍ରଦୂଷଣ କରୁଥିବାରୁ ସ୍ଥାନୀୟ ଅଧିବାସୀମାନେ ଅତିଷ୍ଠ ହୋଇ ପଡୁଛନ୍ତି । କାରଖାନାର ପ୍ରଦୂଷଣ ବାବଦରେ ସ୍ଥାନୀୟ ଅଧିବାସୀମାନେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ମଧ କୌଣସି ପ୍ରକାର ସୁଫଳ ମିଳୁନାହିଁ । ଅନ୍ୟପକ୍ଷରେ କାରଖାନାର ମାଲିକଙ୍କ ସହ ରାଜ୍ୟର ଜଣେ ପ୍ରଭାବଶାଳୀ ଅଧିକାରୀଙ୍କ ସହିତ ସମ୍ପର୍କ ଥିବାର ସୁଯୋଗ ନେଇ କାରଖାନା କର୍ତ୍ତୃପକ୍ଷ ନିର୍ବିଘ୍ନରେ ପ୍ରଦୂଷଣ କରିବାରେ ଲାଗିଛନ୍ତି ।

ରେଙ୍ଗାଲି ରାସ୍ତାକଡ଼କୁ ଲାଗି ରହିଛି ବିରାଜ୍ ଷ୍ଟିଲ୍ । ଚିମିନିକୁ ଦେଖିଲେ ଲାଗୁଛି ପ୍ରଦୂଷଣକୁ ନେଇ କମ୍ପାନିର ଆଦୌ ଚିନ୍ତା ନାହିଁ । କାରଣ, ଏଠାରୁ ଅନବରତ କଳା ମଚମଚ ଧୂଆଁ ବାୟୁମଣ୍ଡଳରେ ମିଶୁଛି । ପ୍ରଦୂଷିତ ଧୂଆଁକୁ ବାୟୁ ମଣ୍ଡଳରେ ଛାଡିବା ପାଇଁ ବ୍ୟାକ୍ ଫିଲଟର(ଇଏସ୍‌ପି) ଲଗାଇବା ନିୟମ ରହିଛି । କିନ୍ତୁ କମ୍ପାନି କର୍ତ୍ତୃପକ୍ଷ ଏହାକୁ ଖୋଲାଖୋଲି ଉଲଂଘନ କରୁଥିବା ଦେଖିବାକୁ ମିଳିଛି । ପୂର୍ବରୁ ଅନେକ ଥର ଏହାକୁ ନେଇ କମ୍ପାନି ଉପରେ ଜରିମାନା ମଧ ହୋଇଛି । ସେହିଭଳି ଗୁରୁପାଲିର ଗ୍ରାମବାସୀ କମ୍ପାନି ବିରୋଧରେ ଅନେକ ଥର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଚାଷ ନଷ୍ଟ ହେବା ସହ ମଣିଷ ଜୀବନ ପ୍ରତି ବିପଦ ରହିଛି । ଅନେକ ଲୋକ ପ୍ରଦୂଷଣ ପାଇଁ ପ୍ରାଣ ହରାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେବେ ପ୍ରଶାସନ କାରଖାନା କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରିବା ପରିବର୍ତ୍ତେ ନିଦାବିଷ୍ଟ ସାଜିଥିବା ଅଞ୍ଚଳବାସୀଙ୍କ ମଧରେ ଚର୍ଚ୍ଚା ହେଉଛି ।

ଏପଟେ ଥରେ ୨ ଥର କମ୍ପାନି ଉପରେ ଜରିମାନା ଲଗାଇ ଚୁପ୍ ବସିଛି ସମ୍ବଲପୁର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ । ସାରାବିଶ୍ୱ ପ୍ରଦୂଷଣକୁ ନେଇ ଜୁଝୁଥିବା ବେଳେ ଏଠାରେ ଖୋଲାଖୋଲି ନିୟମ ଉଲଂଘନ ହେଉଛି । ତଥାପି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଖି ବୁଜିଦେଇଥିବା ଅଭିଯୋଗ ହୋଇଛି । ରାସ୍ତା ଉପରେ ଛିଡ଼ା ହେଲେ କମ୍ପାନିର ପ୍ରଦୂଷଣ ମାତ୍ର ଜଣାପଡ଼ି ଯାଉଛି । ତେଣୁ ଭିତରରେ କେତେ ହେଉ ନଥିବ ବୋଲି ଲୋକ ପ୍ରଶ୍ନ କରିଛନ୍ତି ।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପ୍ରଦୂଷଣ କେବଳ ମଣିଷଙ୍କ ଉପରେ ପ୍ରଭାବ ପକାଉନି, ଜୀବଜନ୍ତୁଙ୍କ ଉପରେ ମଧ ଏହାର ପ୍ରତିକ୍ରିୟା ଦେଖିବାକୁ ମିଳୁଛି । ପ୍ରଦୂଷଣ ପାଇଁ ବୁଲା କୁକୁରଙ୍କ ଲୋମ ଝଡିବା ସହ ନାନା ରୋଗର ଶିକାର ହେଉଛନ୍ତି । ପୂର୍ବ ଭଳି ପକ୍ଷୀଙ୍କ କଳରବ ଦେଖିବାକୁ ମିଳୁନି । ଘର ଚଟିଆ, କୋଇଲି, କାଉ ଭଳି ପକ୍ଷୀ ଧୀରେ ଧୀରେ ଲୋପ ପାଇବାକୁ ବସିଲେଣି । ସେମିତି କୀଟପତଙ୍ଗ ଓ ଅନ୍ୟ ପ୍ରାଣୀଙ୍କ ଉପରେ ମଧ ଏହାର ପ୍ରଭାବ ଅଧିକ । ପୂର୍ବରୁ ଘରେ ଘରେ ପ୍ରାୟ ବିରୁଡି ବସା କରୁଥିଲେ । କିନ୍ତୁ ଏବେ ବିରୁଡିଙ୍କୁ ଦେଖିବାକୁ ମିଳୁନି । ମହୁମାଛି ଖୋଜିଲେ ବି ଦେଖାଯାଉ ନାହାନ୍ତି ।

# ଇବ୍ ନଦୀରେ ବ୍ୟାପକ ପ୍ରଦୂଷଣ

ଝାରସୁଗୁଡ଼ା: ଚିରସ୍ରୋତା ଇବ୍ ନଦୀ ପ୍ରଦୂଷଣ ହେବାରେ ଲାଗିଛି । ଗ୍ରୀଷ୍ମ କାଳରେ ଜଳ ପ୍ରବାହ ତଥା ସ୍ରୋତ କ୍ଷୀଣ ହେବା ପରେ ଝାରସୁଗୁଡ଼ା ଆଖପାଖ ଅଞ୍ଚଳରେ ନଦୀର ବାଲି ଶଯ୍ୟାରେ କୋଇଲା ଗୁଣ୍ଡ ଏବଂ ଶିଳ୍ପ ବର୍ଜ୍ୟର ଆସ୍ତରଣ ଦେଖାଯାଉଛି । ନଦୀ ବାଲି କଳା ରଙ୍ଗର ମୋଟା ଆସ୍ତରଣ ଜମିଥିବା ଦେଖାଯାଉଛି । ଯାହାକି ନଦୀ ଉପରେ ଶିଳ୍ପ ପ୍ରଦୂଷଣର ଭୟାବହତାକୁ ସୂଚାଉଛି । ଉପର ମୁଣ୍ଡରେ ସୁନ୍ଦରଗଡ଼ ଜିଲ୍ଲାର ବିସ୍ତୀର୍ଣ୍ଣ ଇଲାକାରେ ଗଢ଼ି ଉଠିଥିବା ଶିଳ୍ପ କାରଖାନା ଓ କୋଇଲା ଖଣିର ପ୍ରଭାବ ଏହି ଇବ୍ ନଦୀ ଉପରେ ପଡୁଛି । ପଡ଼ୋଶୀ ଛତିଶଗଡ଼ ରାଜ୍ୟ ରାୟଗଡ଼ ଏବଂ ଯଶପୁର ଜିଲ୍ଲା ସୀମାରେ ପାଣ୍ଡାପେଟ ପାହାଡ଼ରୁ ଇବ୍ ନଦୀର ଉତ୍ପତ୍ତି । ମହାନଦୀର ଏକ ଶାଖା ନଦୀ ହେବା ସହ ସୁନ୍ଦରଗଡ଼ ଜିଲ୍ଲା ସୀମାରେ ଓଡ଼ିଶାକୁ ପ୍ରବେଶ କରିଛି । ଝାରସୁଗୁଡ଼ା ଜିଲ୍ଲାର ତାଳପଟିଆ ଠାରେ ଇବ୍ ନଦୀ ଜିଲ୍ଲାକୁ ପ୍ରବେଶ କରିବା ସହ ମହାନଦୀ ତଥା ହୀରାକୁଦ ଜଳ ଭଣ୍ଡାରରେ ମିଶିଛି । ପ୍ରାୟ ୨୫୨ କିଲୋମିଟର ପଥ ପ୍ରବାହିତ ହୋଇ ମହାନଦୀରେ ମିଶିବା ପୂର୍ବରୁ ଏହି ନଦୀରେ ବସୁନ୍ଧରା, ଭେଡେନ ଆଦି ନଦୀ ବିଲୀନ ହୋଇଛନ୍ତି । ଏହି ନଦୀର ନାମ ଅନୁଯାୟୀ ଏମସିଏଲ୍‌ର ଇବ୍‌ଭେଲି କୋଲ୍‌ଫିଲ୍ଡର ନାମକରଣ କରାଯାଇଛି । ଇବ୍ ନଦୀ କେବଳ ଯେ ସୁନ୍ଦରଗଡ଼ ଜିଲ୍ଲାର ଶିଳ୍ପ ସଂସ୍ଥା ଏବଂ ସହରାଞ୍ଚଳର ବର୍ଜ୍ୟ ଜଳକୁ ଧାରଣ କରୁଛି ତାହା ନୁହେଁ ବରଂ ଛତିଶଗଡ଼ ରାଜ୍ୟର ଶିଳ୍ପ ବର୍ଜ୍ୟ ମଧ ଏହି ନଦୀକୁ ବହୁଳ ଭାବେ ପ୍ରଦୂଷିତ କରି ଚାଲିଛି । ସୁନ୍ଦରଗଡ଼ ଜିଲ୍ଲା ମଧରେ ଝାରସୁଗୁଡ଼ା ଜିଲ୍ଲା ସୀମାକୁ ଲାଗି ଦର୍ଲିପାଲି ଠାରେ ପ୍ରତିଷ୍ଠିତ ଏନଟିପିସିର ବୃହତ ତାପଜ ବିଦ୍ୟୁତ ପ୍ରକଳ୍ପ ଏବେ ଇବ୍ ଏବଂ ଏହାର ଶାଖାନଦୀ ଗୁଡ଼ିକ ପାଇଁ ଅଭିଶାପ ପାଲଟିଲାଣି । ଇବକୁ ସଂଯୋଗ କରୁଥିବା ବସୁନ୍ଧରା ଏବଂ ଅନ୍ୟ ଛୋଟିଆ ନାଳା ଗୁଡ଼ିକରେ ପ୍ରଦୂଷଣର ପ୍ରଭାବ ପଡ଼ିବାକୁ ଲାଗିଛି । ଏହି ସବୁ ଶାଖାନଦୀ ଏବଂ ଜଳ ଉତ୍ସ ଗୁଡ଼ିକ ଉପର ମୁଣ୍ଡରେ ଆଶପଣ୍ଡ ଏବଂ ଦ୍ରୁତ ଶିଳ୍ପାୟନ କାରଣରୁ ପ୍ରଦୂଷିତ ହେବା ସହ ଭୂତଳ ଜଳସ୍ତର ନିମ୍ନଗାମୀ ହେବାରୁ ଏହି ଅଞ୍ଚଳରେ ଶୁଷ୍କତା ଦେଖା ଦେବାରେ ଲାଗିଛି । ଏବେ ଇବ୍ ନଦୀ ପାର୍ଶ୍ୱରେ ଚାରିଆଡ଼େ ଶିଳ୍ପ ବର୍ଜ୍ୟ ଏବଂ ପାଉଁଶ ପୋତା ସବୁଠାରୁ ବଡ଼ ସମସ୍ୟା ସୃଷ୍ଟି କରିଛି । ଉଭୟ ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲାର ଶିଳ୍ପ ସଂସ୍ଥା ଗୁଡ଼ିକର ବର୍ଜ୍ୟ ପରିବହନ କରି ନଦୀ ପାର୍ଶ୍ୱରେ, ରାସ୍ତାଘାଟ କଡ଼, ଜଙ୍ଗଲ ଏବଂ ସରକାରୀ ଜମିରେ ପୋତା ଚାଲିଛି । ଯାହାକି ବର୍ଷା ଜଳ ସହ ଇବ୍ ନଦୀ ଏବଂ ଏହାର ଶାଖା ନଦୀରେ ପ୍ରବେଶ କରୁଛି । ଫଳସ୍ୱରୂପ ନଦୀ ଶଯ୍ୟାକୁ ପଟୁରେ ପୋତିବା ସହ ବାଲି ଉପରେ କଳା ରଙ୍ଗର ଆସ୍ତରଣ ଦେଖିବାକୁ ମିଳୁଛି । ନଦୀ ଉପରେ ନିର୍ଭର କରୁଥିବା ଦୁଇ ଜିଲ୍ଲାର ହଜାରରୁ ଊର୍ଦ୍ଧ୍ୱ ପରିବାରଙ୍କ ପାଇଁ ଏହି ଶିଳ୍ପ ପ୍ରଦୂଷଣ ଭୟାବହ ପରିସ୍ଥିତି ସୃଷ୍ଟି କରିବାକୁ ଲାଗିଛି । ଖାସକରି ଗ୍ରୀଷ୍ମ କାଳରେ ଇବ୍ ନଦୀରେ ପ୍ରଦୂଷଣର ପ୍ରଭାବ ଦୃଶ୍ୟମାନ ହେଉଥିବାରୁ ନଦୀ ତଟବର୍ତ୍ତୀରେ ବସବାସ କରୁଥିବା ଲୋକ ଆତଙ୍କିତ ହେଉଛନ୍ତି । ନଦୀ ଜଳକୁ ସେମାନେ ଗାଧୋଇବା ଲାଗି ବ୍ୟବହାର କରିବା ସହ ତଳ ମୁଣ୍ଡରେ ବ୍ରଜରାଜନଗର, ଝାରସୁଗୁଡ଼ା ଆଦି ସହରାଞ୍ଚଳକୁ ପାନୀୟ ଜଳ ଭାବେ ବିଶୋଧିତ କରି ଯୋଗାଣ ହେଉଛି । ହେଲେ ଇବ୍ ନଦୀ ଜଳର ଗୁଣବତ୍ତା ଏବଂ ପାନୀୟ ଯୋଗ୍ୟ କି ନୁହେଁ ତାହାକୁ ନେଇ ପ୍ରଶ୍ନ ଉଠିଛି । ଉପରମୁଣ୍ଡରେ ପ୍ରଦୂଷଣ ରୋକା ନ ଗଲେ ଆଗାମୀ ଦିନରେ ଇବ୍ ନଦୀ ସମଗ୍ର ଅଞ୍ଚଳବାସୀଙ୍କ ଦୁଃଖର କାରଣ ସାଜିବ ଏଥିରେ ସନ୍ଦେହ ନାହିଁ ।

# ବେଦାନ୍ତ ସପକ୍ଷରେ...

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ଆୟୋଗ ବେଦାନ୍ତରୁ ମିଳୁଥିବା ଶସ୍ତା ବିଦ୍ୟୁତ୍ ରାଜ୍ୟର ହାତଛଡ଼ା ହେବା ଆଶଙ୍କାକୁ ଗୁରୁତ୍ୱ ଦେଇ ନ ଥିଲେ । ଓଲଟା ବିତଣ୍ଡା ଯୁକ୍ତିର ଅବତାରଣା କରି ଆୟୋଗ ଦର୍ଶାଇଥିଲେ ଯେ ରାଜ୍ୟ ବିଦ୍ୟୁତ୍ ବଳକା । ତେଣୁ ବେଦାନ୍ତରୁ ବିଦ୍ୟୁତ୍ ନ ଆଣିଲେ ମଧ ଗ୍ରିଡ୍‌ର କିଛି କ୍ଷତି ହେବ ନାହିଁ । ଏହି ଯୁକ୍ତିରେ ଆୟୋଗ ରାଜ୍ୟ ପାଇଁ ସମର୍ପିତ ୟୁନିଟ୍-୨କୁ ବେଦାନ୍ତର ସିଜିପି ଭାବେ ଟେକି ଦେଇ ଗ୍ରିଡକୋ ବିଦ୍ୟୁତ କିଣା ପାଇଁ ବିଚିତ୍ର ସର୍ତ୍ତ ଆରୋପ କରିଥିଲେ । ତାହା ହେଲା-ଚାହିଦା ପୂରଣ ନିମନ୍ତେ ଗ୍ରିଡକୋ ଯଦି ବେଦାନ୍ତରୁ ବିଦ୍ୟୁତ୍ କିଣିବାକୁ ଚାହିଁବ, ତେବେ ୩ ମାସ ପୂର୍ବରୁ ଜଣାଇବ । ତିନି ମାସ ପରେ କେତେ ବିଦ୍ୟୁତ୍ ଆବଶ୍ୟକ ହେବ, ତାହାର ବୈଷୟିକ ଆକଳନ କେମିତି ହେବ ? ଏକଥା ଜାଣି ବି ଆୟୋଗ ଯେଭଳି ନିର୍ଦ୍ଦେଶ ଦେଲେ ତାହାକୁ ସମୀକ୍ଷକମାନେ ଗ୍ରହଣ କରିପାରି ନ ଥିଲେ । ପରେ ଗ୍ରିଡ୍‌କୋ ୨୦୨୧ ଡିସେମ୍ବରରେ ଏହି ରାୟର ପୁନଃସମୀକ୍ଷା ନିମନ୍ତେ ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିଲା । ଆୟୋଗ ଏହାକୁ ଗ୍ରହଣ କରି ଏକ ନିର୍ଦ୍ଦେଶ ବଳରେ ପୁନଃସମୀକ୍ଷା କରିବାକୁ ୨୦୨୨ ଅକ୍ଟୋବର ୨୮ରେ ସମ୍ମତି ପ୍ରକାଶ କରିଥିଲେ । କାଳବିଳମ୍ବ ନକରି ବେଦାନ୍ତ କର୍ତ୍ତୃପକ୍ଷ ଆୟୋଗଙ୍କ ନିଷ୍ପତ୍ତି ବିରୋଧରେ ଆପିଲେଟ୍ ଟ୍ରିବ୍ୟୁନାଲରେ ମାମଲା ଦାଏର କରିବାରୁ ଟ୍ରିବ୍ୟୁନାଲ୍ ପୁନଃ ସମୀକ୍ଷାର କାରଣ ସମ୍ପର୍କରେ ଆୟୋଗଙ୍କୁ କୈଫିୟତ ତଲବ କରିଥିଲେ । ଏହାର କାରଣ ଖୋଜିବାକୁ ଯାଇ ଆୟୋଗ ୨୦୨୧ ଅକ୍ଟୋବର ୫ ରାୟରେ ଥିବା ତ୍ରୁଟି-ବିଚ୍ୟୁତିର ପୂର୍ବାପର ତର୍ଜମା କରି ଉପଯୁକ୍ତ କାରଣ ସହ ସେହି ରାୟକୁ ଆୟୋଗ ରଦ୍ଦକରି ଦେଇଛନ୍ତି ।

# ରେଣ୍ଡୋ ମାଝୀଙ୍କ ନାମରେ ନାମିତ ହେଲା କଳାହାଣ୍ଡି ମେଡିକାଲ କଲେଜ

ଭୁବନେଶ୍ୱର: ମହାନ ସ୍ୱାଧୀନତା ସଂଗ୍ରାମୀ ରେଣ୍ଡୋ ମାଝୀଙ୍କ ନାମ ଅନୁସାରେ କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଭବାନୀପାଟଣା ମେଡିକାଲ କଲେଜର ନାମକରଣ କରାଯାଇଛି । ଏହି ମେଡିକାଲ କଲେଜର ନାମ 'ସହିଦ ରେଣ୍ଡୋ ମାଝୀ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ରଖାଯାଇଛି । ଭବାନୀପାଟଣା ମେଡିକାଲ କଲେଜର ନାମକରଣ ହୋଇଥିବା ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ ଯେ, ଏହି ମେଡିକାଲ କଲେଜର ନାମକରଣ ପାଇଁ କିଛିଦିନ ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ କମିଟି ଗଠନ କରାଯାଇଥିଲା । ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବଙ୍କ ଅଧକ୍ଷତାରେ ଗଠିତ ୫ ଜଣିଆ କମିଟିରେ ଅତିରିକ୍ତ ସଚିବ, ଡିଏମ୍‌ଇଟି, ଅତିରିକ୍ତ ଡିଏମ୍‌ଇଟି, ସ୍ୱାସ୍ଥ୍ୟ ବିଭାଗର ଲୋକ ସମ୍ପର୍କ ଅଧିକାରୀ ଏହାର ସଦସ୍ୟ ନିଯୁକ୍ତ ହୋଇଥିଲେ । ଚଳିତ ବର୍ଷରୁ ଏହି ମେଡିକାଲ କଲେଜରେ ୧୦୦ ଏମ୍‌ବିବିଏସ୍ ସିଟ୍‌ରେ ନାମ ଲେଖା ପାଇଁ ଗତ ଏପ୍ରିଲ ୧୧ ତାରିଖରେ ଜାତୀୟ ମେଡିକାଲ ଆୟୋଗ (ଏନ୍‌ଏମ୍‌ସି) ଅନୁମତି ପ୍ରଦାନ କରିଥିଲେ । ପ୍ରାୟ ୩୫ ଏକର ଜମି ଉପରେ ଭବାନୀପାଟଣା କଲେଜ ନିର୍ମାଣ ପାଇଁ ୪୪୮ କୋଟି ଟଙ୍କା ବ୍ୟୟ କରାଯାଇଛି । ଏହାକୁ ମିଶାଇ ରାଜ୍ୟରେ ସରକାରୀ ମେଡିକାଲ କଲେଜ ସଂଖ୍ୟା ୧୧ରେ ପହଞ୍ଚିଲା ।

# ମରଣଯନ୍ତା ପାଲଟିଛି ବିଜୁ ଏକ୍ସପ୍ରେସ୍ ୱେ !

ସମ୍ବଲପୁର : ସମ୍ବଲପୁରରୁ ଝାରସୁଗୁଡ଼ା ବିଜୁ ଏକ୍ସପ୍ରେସ୍ ୱେର କଡରେ କୋଇଲା ବୋଝେଇ ଟ୍ରକ୍ ଗୁଡିକ ଧାଡିବାନ୍ଧି ଛିଡା ହେଉଥିବାରୁ ଏହି ରାସ୍ତାରେ ବାରମ୍ବାର ଦୁର୍ଘଟଣାମାନ ଘଟି ନିରୀହ ଲୋକଙ୍କ ପ୍ରାଣହାନୀ ହେଉଛି । ଦୁର୍ଘଟଣା ଏହି ରାସ୍ତାରେ ନିତିଦିନିଆ ଘଟଣା ହୋଇଗଲାଣି । ଚଳିତ ବର୍ଷ ମଧରେ ଶତାଧିକ ଛୋଟବଡ଼ ଦୁର୍ଘଟଣା ଘଟିଛି । ଯାହାର ପ୍ରମୁଖ କାରଣ ହେଉଛି ରେଙ୍ଗାଲି, ଝାରସୁଗୁଡ଼ା ଅଞ୍ଚଳର କମ୍ପାନିକୁ ଆସୁଥିବା ଟ୍ରକ୍‌ଗୁଡିକର ବେଆଇନ ପାର୍କିଂ । ଯାହାକୁ ସ୍ଥାନୀୟ ପୁଲିସ୍ ଓ ପରିବହନ ବିଭାଗ ନିୟମିତ ଯାଞ୍ଚ କରି ସେଠାରୁ ଟ୍ରକ୍‌ଗୁଡିକୁ ହଟାଇବା ନିୟମ ରହିଛି । କିନ୍ତୁ ଏମାନେ କମ୍ପାନି ଠାରୁ ମୋଟା ଅଙ୍କର ମାଲ୍ ନେଇ ବେଆଇନ ପାର୍କିଂ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି ।

ସମ୍ବଲପୁରରୁ ଝାରସୁଗୁଡ଼ା ଯିବା ରାସ୍ତାରେ ପଧାନପାଲି ଟୋଲ୍ ଗେଟ୍‌ରୁ ଆରମ୍ଭ ହୋଇଯାଉଛି ରାସ୍ତାକଡ଼ରେ ବେଆଇନ ପାର୍କିଂ । ମାଲ୍ ନେଇ କମ୍ପାନିକୁ ଆସୁଥିବା ବଡ଼ ବଡ଼ ଟ୍ରଲର୍ ଓ ଟ୍ରକ୍ ସବୁ ରାସ୍ତାକଡ଼ରେ ଛିଡ଼ା ହେଉଛି । ଯାହାକି କମ୍ପାନିର ନିଜସ୍ୱ ଟ୍ରକ୍ ଟର୍ମିନାଲ୍‌ରେ ରହିବାର ନିୟମ ରହିଛି । କିନ୍ତୁ କୌଣସି କମ୍ପାନିର ଟର୍ମିନାଲ୍ ନ ଥିବାରୁ ସବୁ ଗାଡ଼ି ରାସ୍ତା ଉପରେ ପାର୍କିଂ କରୁଛନ୍ତି । ଫଳରେ ରାସ୍ତାର ଅଧା ବନ୍ଦ ହୋଇଯାଉଛି । ଯାତାୟତକୁ ନଜରରେ ରଖି ରାସ୍ତାର ଓସାର କରାଯାଇଥାଏ । ତେଣୁ ବିଜୁ ଏକ୍ସପ୍ରେସ୍ ୱେକୁ ଦୁଇ ଥାକିଆ କରାଯାଇଛି । ତେଣୁ ରାସ୍ତା ଉପରେ ଗୋଟିଏ ଗାଡି ରଖିଲେ ମାତ୍ର ଗୋଟିଏ ଗାଡ଼ି ଯାଇପାରିବ । ଏହାସହ ଅନେକ ସମୟରେ ବିପରୀତ ଦିଗରେ ଗାଡ଼ି ଚଳାଚଳ ମଧ ହେଉଛି । ତେଣୁ ଦୁର୍ଘଟଣା ହେବା ସ୍ୱାଭାବିକ ବୋଲି ଲୋକେ ଅଭିଯୋଗ କରିଛନ୍ତି ।

ବିଧାନସଭା ତଥ୍ୟ ଅନୁସାରେ, ସମ୍ବଲପୁର-ଝାରସୁଗୁଡ଼ା ରାସ୍ତାକୁ ବ୍ଲାକ୍‌ସ୍ପଟ୍ ବୋଲି ଜିଲ୍ଲା ପରିବହନ ବିଭାଗ ସୂଚନା ଦେଇଛି । ଏଥିପାଇଁ ବ୍ଲାକ୍‌ସ୍ପଟ୍‌ର ଆଖପାଖ ଅଞ୍ଚଳରେ ନିୟମିତ ପାଟ୍ରୋଲିଂ କରିବା ସହ ଅନେକ ସୂଚନା ଫଳକ ଲଗାଇବା ଦରକାର ବୋଲି କହିଛନ୍ତି ସଡ଼କ ସୁରକ୍ଷା କର୍ମୀ । ଏହାସହ ରାସ୍ତାକଡ଼ରେ ଥିବା ଟ୍ରକକୁ ମୋଟା ଅଙ୍କର ଜରିମାନା କରି ରାସ୍ତାରୁ ହଟାଇବା ଆବଶ୍ୟକ । ହେଲେ ସମ୍ବଲପୁର ପରିବହନ ବିଭାଗ ଓ ପୁଲିସ୍ ନିଜ କାମ ଠିକ୍ ଭାବେ କରୁନାହାନ୍ତି । ବେଆଇନ କାମ ପାଇଁ ଆଖି ବନ୍ଦ କରିଦେଇଛନ୍ତି । ନିତିଦିନ ରାସ୍ତା କଡ଼ରେ ଶହ ଶହ ଟ୍ରକ୍ ଥିଲେ ମଧ ଏହାକୁ ପରିବହନ ବିଭାଗ ଗୁରୁତ୍ୱ ଦେଉନି । କେବଳ ହେଲ୍‌ମେଟ୍ ଓ ସିଟ୍‌ବେଲ୍ଟ ପିନ୍ଧି ନ ଥିବା ବ୍ୟକ୍ତିଙ୍କୁ ଟାର୍ଗେଟ୍ କରି ଚାଲାଣ କାଟୁଛନ୍ତି । ଯେଉଁଥି ପାଇଁ ଦୁର୍ଘଟଣା ହେଉଛି, ତା ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ବୋଲି ଅଭିଯୋଗ ହୋଇଛି । କମ୍ପାନି କର୍ତ୍ତୃପକ୍ଷ ଅଧିକାରୀଙ୍କୁ ଖୁସି କରି ଦେଉଥିବାରୁ ତାଙ୍କ ଟ୍ରକ୍ ଉପରେ ଅନ୍ୟ କେହି ହାତ ମାରୁନାହାନ୍ତି । ଯାହାକୁ ନେଇ ଦୁର୍ଘଟଣା ବଢ଼ିବାରେ ଲାଗିଛି ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଭୁବନେଶ୍ୱରର ବିଭିନ୍ନ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ





ଭୁବନେଶ୍ୱର: କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଇଆଇଟି ଭୁବନେଶ୍ୱରରେ ଭର୍ଚୁଆଲ ଏବଂ ଅଗମେଣ୍ଟେଡ୍ ରିଆଲିଟି ସେଣ୍ଟର ଅଫ୍ ଏକ୍ସଲେନ୍ସ ଉଦ୍‌ଘାଟନ କରିଛନ୍ତି । ଏହା ସେଣ୍ଟର ବିଭିନ୍ନ କ୍ଷେତ୍ରରେ ଡିଜିଟାଲ ପରିବର୍ତ୍ତନ ତ୍ୱରାନ୍ୱିତ କରିବ ଓ ଆପ୍ଲିକେସନ୍ ଦ୍ୱାରା ପରିଚାଳିତ ଗବେଷଣାକୁ ପ୍ରୋତ୍ସାହନ ଦେବା ସହ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବ ବୋଲି ସେ କହିଛନ୍ତି । ଆଇଆଇଟି ଭୁବନେଶ୍ୱର ସମେତ ସମ୍ବଲପୁର ଆଇଆଇଏମ, ରାଉରକେଲାର ଏନଆଇଟି, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ବ୍ରହ୍ମପୁରର ଆଇଜରର ଭିତ୍ତିଭୂମି, ରିସର୍ଚ୍ଚ ପ୍ରୋଜେକ୍ଟ ଏବଂ ଏକାଡେମିକ୍ ପ୍ରୋଗ୍ରାମ ଉପରେ ଶ୍ରୀ ପ୍ରଧାନ ସମୀକ୍ଷା କରିଥିଲେ ।



ଭୁବନେଶ୍ୱର: କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ କିସ୍‌ର ମିଳିତ ସହଯୋଗରେ ଏଠାରେ ପ୍ରଥମ ଜନଜାତୀୟ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନି ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ର ବିକାଶ ଓ କୌଶଳ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ହକି ଇଣ୍ଡିଆ ସଭାପତି, ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ସଂସ୍କୃତି ମନ୍ତ୍ରଣାଳୟର ଯୁଗ୍ମ ସଚୀବ ଉମା ନନ୍ଦୁରୀ ଓ ଏମ୍.ପି ଅଚ୍ୟୁତ ସାମନ୍ତ ଯୋଗ ଦେଇଥିଲେ । ପ୍ରଥମ ଥର ଲାଗି ଦେଶର ୨୬ ଟି ରାଜ୍ୟର କୋଚ୍ ଏବଂ ଅଫିସିଆଲଙ୍କ ସମେତ ୫ ହଜାରରୁ ଉର୍ଦ୍ଧ୍ୱ ଜନଜାତି ଖେଳାଳୀ ଏଥିରେ ଯୋଗ ଦେଇଛନ୍ତି । ଏହି ଅବସରରେ ଅତିଥିମାନେ ପ୍ରଥମ ଜନଜାତି ମହୋତ୍ସବ ଜର୍ସି, ମାସ୍କଟ୍ ଓ ସୂଚନାପତ୍ର ଉନ୍ମୋଚନ କରିଥିଲେ ।







ଭୁବନେଶ୍ୱର ଠାରେ ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଓ ଦିଲ୍ଲୀପ ଶତପଥୀ ମେମୋରିଆଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ 'ଦିଲ୍ଲୀପ ଶତପଥୀ ମେମୋରିଆଲ ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା'ର ପୁରସ୍କାର ବିତରଣୀ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।



# ଦୁଃସାହସିକ ଯାତ୍ରାରେ ସମ୍ବଲପୁର ବାଳିକାଙ୍କ ସଫଳତା



ସମ୍ବଲପୁର : ଇଣ୍ଡିଆ ହାଇକ୍ ସଂଗଠନ ପକ୍ଷରୁ ଆୟୋଜିତ ଏକ ଦୁଃସାହସିକ ଯାତ୍ରା (ଟ୍ରାକିଂ) ଅଭିଯାନରେ ସଫଳତା ସହିତ ୧୧,୯୫୦ ଫୁଟ ଅତିକ୍ରମ କରି ଏକ ଅନନ୍ୟ ସଫଳତା ହାସଲ କରି ସମ୍ବଲପୁରର ଜଣେ ୧୦ ବର୍ଷ ବୟସ୍କ ବାଳିକା ସରନ୍ୟା ଶ୍ରେଷ୍ଠା ପଣ୍ଡା ସମ୍ବଲପୁର ପ୍ରାଇଁ ଗୌରବ ଆଣି ଦେଇଛନ୍ତି । ସମ୍ବଲପୁରର ବରିଷ୍ଠ ଫଟୋ ସାମ୍ବାଦିକ ଦେବେନ୍ଦ୍ର ପଣ୍ଡାଙ୍କ ନାତୁଣୀ ତଥା ସନ୍ତକ ପଣ୍ଡା ଓ ଶାଳିନୀ ଶର୍ମାଙ୍କ କନ୍ୟା ସରନ୍ୟା ଶ୍ରେଷ୍ଠ ପଣ୍ଡା (୧୦) ସମ୍ବଲପୁରର ଏକମାତ୍ର ସଦସ୍ୟା ଭାବେ ଗତ ୧ ତାରିଖରେ ଏକ ୨୨ ଜଣିଆ ଦୁଃସାହସିକ ଯାତ୍ରା (ଟ୍ରାକିଂ) ଦଳରେ ସାମିଲ ହୋଇଥିଲେ । ଇଣ୍ଡିଆ ହାଇକ୍ ସଂଗଠନର ମୁଖ୍ୟ ଅଡଲିନଙ୍କ ନେତୃତ୍ୱରେ ୫ ଜଣିଆ ଅଭିଜ୍ଞ ପ୍ରଶିକ୍ଷକଙ୍କ ସହିତ ଉତ୍ତରାଖଣ୍ଡର ରାଇତାଲରୁ ଏହି ୨୨ ଜଣିଆ ଦଳ ଦୁଃସାହସିକ ଯାତ୍ରାରେ ବାହାରି ଚତୁର୍ଥ ଦିବସରେ ୧୧,୯୫୦ ଦୁର୍ଗମ ରାସ୍ତା ଅତିକ୍ରମ କରି ଦାୟରା ବୁଗ୍ୟାଲରେ ପହଞ୍ଚିବାରେ ସଫଳ ହୋଇଥିଲେ । ସେମାନେ ୭ ଦିନରେ ମୋଟ୍ ୨୨ କିଲୋମିଟରର ଦୈର୍ଘ୍ୟ ବିଶିଷ୍ଟ ଏହି ଦୁର୍ଗମ ରାସ୍ତା ଅତିକ୍ରମ କରିଥିଲେ ।

# ସମ୍ବଲପୁର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନୂତନ ଆଞ୍ଚଳିକ ଅଧିକାରୀ



ସମ୍ବଲପୁର : ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ରୂପେ ଡକ୍ଟର ସତ୍ୟନାରାୟଣ ନନ୍ଦ ଯୋଗ ଦେଇଛନ୍ତି । ଏହା ପୂର୍ବରୁ ସେ ଏଠାରେ ବରିଷ୍ଠ ବୈଜ୍ଞାନିକ ରୂପେ କାର୍ଯ୍ୟରତ ଥିଲେ । ଜଣେ ଦକ୍ଷ ତଥା କର୍ମଠ ଅଧିକାରୀ ରୂପେ ସୁନାମ ଅର୍ଜନ କରିଥିବା ଶ୍ରୀ ନନ୍ଦ ତାଙ୍କର କାର୍ଯ୍ୟ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି । ଏଠାରେ ଥିବା ଆଞ୍ଚଳିକ ଅଧିକାରୀ ଶ୍ରୀ ରମେଶ ଏକ୍କାଙ୍କୁ ଅନୁଗୁଳ ଆଞ୍ଚଳିକ ଅଧିକାରୀ ରୂପେ ବଦଳି ହୋଇଛି ।

# ସମ୍ବଲପୁରରେ ବିଶ୍ୱ ପରିବେଶ ଦିବସ ପାଳିତ




ସମ୍ବଲପୁର: ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଶାଖା ଓ ସ୍ୱେଚ୍ଛାସେବୀ ସଙ୍ଗଠନ 'ସମର୍ପଣ'ର ମିଳିତ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବୈଜ୍ଞାନିକ ଡକ୍ଟର ସତ୍ୟନାରାୟଣ ନନ୍ଦଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଶାସନିକ ଅଧିକାରୀ ନିରଞ୍ଜନ ନାଏକ ମୁଖ୍ୟଅତିଥି, ବୈଜ୍ଞାନିକ ଅଂଶୁ କୁସୁମବାଳା ମିଞ୍ଜ ମୁଖ୍ୟବକ୍ତା ଓ ଇଂ.ବିଶ୍ୱକାନ୍ତ ପ୍ରଧାନ, ରାଧେଶ୍ୟାମ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ନନ୍ଦ ପ୍ରଦୂଷଣ ନିୟନ୍ତ୍ରଣ, ପ୍ଲାଷ୍ଟିକ ବ୍ୟବହାର ବର୍ଜନ ପାଇଁ ଉପସ୍ଥିତ ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କୁ ନେଇ ଶପଥ ପାଠ କରାଇଥିଲେ । ସେହିପରି କାର୍ଯ୍ୟକ୍ରମରେ ଘରୋଇ ପ୍ରଦୂଷଣ ନିରାକରଣ ଓ ଛୋଟ ପ୍ଲାଷ୍ଟିକ ବ୍ୟାଗ ବ୍ୟବହାରକୁ ବର୍ଜନ କରିବା ପାଇଁ ମଧ ଆହ୍ୱାନ ଦିଆଯାଇଥିଲା । ଏଥିରେ ୬୦ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହି ଅବସରରେ ବାହାରିଥିବା ଏକ ସାଇକେଲ ସଚେତନତା ର୍ୟାଲିକୁ ବୈଜ୍ଞାନିକ ଅଂଶୁ କୁସୁମବାଳା ମିଞ୍ଜ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

# ଏମ୍‌ସିଏଲ୍ ଜିତିଲା କୋଇଲା ମନ୍ତ୍ରୀ ପୁରସ୍କାର

ବୁର୍ଲା: ଏମ୍‌ସିଏଲ୍ କୋଇଲା ମନ୍ତ୍ରୀ ପୁରସ୍କାର ୨୦୨୨-୨୩ରେ ସମ୍ମାନଜନକ 'ଉତ୍ପାଦନ ଓ ଉତ୍ପାଦକତା' ବର୍ଗରେ ପ୍ରଥମ ପୁରସ୍କାର ସମେତ ୪ଟି



କର୍ପୋରେଟ୍ ବର୍ଗରେ ପୁରସ୍କାର ପାଇଥିବା ବେଳେ କମ୍ପାନୀର ୬ ଜଣ କ୍ଷେତ୍ରିୟ ଜେନେରାଲ ମ୍ୟାନେଜରଙ୍କୁ ବ୍ୟକ୍ତିଗତ ବର୍ଗରେ ପୁରସ୍କୃତ କରାଯାଇଛି । ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଭାରତ ସରକାରଙ୍କ କୋଇଲା ଖଣି ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । କୋଇଲା ସଚିବ ଅମୃତଲାଲ ମୀନା, କୋଲ ଇଣ୍ଡିଆ ଲିମିଟେଡର ଅଧକ୍ଷ ପ୍ରମୋଦ ଅଗ୍ରୱାଲ ଏବଂ କୋଇଲା ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଶ୍ରୀ ଏମ୍ ନାଗାରାଜୁ ମଧ ମଞ୍ଚରେ ଉପସ୍ଥିତ ଥିଲେ । କୋଇଲା ଖଣି ବ୍ୟବସାୟରେ ଉତ୍ପାଦନ ଓ ଉତ୍ପାଦକତା, ନିରାପତ୍ତା, ସ୍ଥାୟୀତା ଏବଂ ଗୁଣବତ୍ତା ଅଧୀନରେ କର୍ପୋରେଟ୍ ବର୍ଗରେ ସଫଳତା ପାଇଁ କୋଲ୍ ଇଣ୍ଡିଆ ଲିମିଟେଡର ପ୍ରମୁଖ ସହାୟକ ସଂସ୍ଥା ଏମ୍‌ସିଏଲ୍ ପୁରସ୍କାର ହାସଲ କରିଛି । ଏମ୍‌ସିଏଲ୍‌ର ସିଏମ୍‌ଡି ଓ.ପି ସିଂହ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ଶ୍ରୀ ପ୍ରଣବ କୁମାର ପଟେଲ, ବୈଷୟିକ ନିର୍ଦ୍ଦେଶକ କେ.କେ ବୋରା, ବିତ୍ତ ନିର୍ଦ୍ଦେଶକ ଏ.କେ ବେହୁରା ଏବଂ ବୈଷୟିକ ନିର୍ଦ୍ଦେଶକ ଏ.କେ ବାପିତ ଏହି ପୁରସ୍କାର ଗ୍ରହଣ କରିଥିଲେ । ଏହାବ୍ୟତୀତ ଏମ୍‌ସିଏଲ୍‌ର ୬ ଜଣ ଆଞ୍ଚଳିକ ମହାପ୍ରବନ୍ଧକ ବ୍ୟକ୍ତିଗତ ବର୍ଗରେ କୋଇଲା ମନ୍ତ୍ରୀ ପୁରସ୍କାର ମଧ ପାଇଛନ୍ତି । ଯାହା ବିଜେତା ତାଲିକାରେ କୌଣସି କମ୍ପାନି ଦ୍ୱାରା ନିଆଯାଇଥିବା ସର୍ବାଧିକ ପୁରସ୍କାର ବୋଲି ଏମସିଏଲ କହିଛି । ବାର୍ଷିକ ୧୫ ନିୟୁତ ଟନରୁ ଅଧିକ ଉତ୍ପାଦନ କରୁଥିବା 'ମେଗା ଜୋନ୍'ର ଉପ-ବର୍ଗରେ ହିଙ୍ଗୁଳା ଅଞ୍ଚଳ, ବସୁନ୍ଧରା ଅଞ୍ଚଳ ଓ ଜଗନ୍ନାଥ ଅଞ୍ଚଳର ଜେନେରାଲ ମ୍ୟାନେଜରମାନେ ଏହି ତିନୋଟି ସ୍ଥାନରେ ପୁରସ୍କାର ଜିତିଥିବା ବେଳେ କଣିହାଁ ଅଞ୍ଚଳ, ଲିଙ୍ଗରାଜ ଅଞ୍ଚଳ ଓ ଇବ୍ ଅଞ୍ଚଳର ଜେନେରାଲ ମ୍ୟାନେଜରମାନେ 'ବୃହତ୍ ଅଞ୍ଚଳ' (ବାର୍ଷିକ ୫ରୁ ୧୫ ନିୟୁତ ଟନ୍ ଉତ୍ପାଦନ କରୁଥିବା ଅଞ୍ଚଳ) ର ଉପବର୍ଗରେ ପୁରସ୍କାର ପାଇଛନ୍ତି ।

# ଝାରସୁଗୁଡ଼ାରେ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ





ଝାରସୁଗୁଡା: ବିଟିଏମ୍‌ସ୍ଥିତ ନୂତନ ନିର୍ମାଣାଧୀନ ଡିଏଫଓ କାର୍ଯ୍ୟାଳୟ ଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲାପାଳ ଅବୋଲୀ ସୁନୀଲ ନରୱାଣେ ମୁଖ୍ୟ ଅତିଥି, ଏସପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହାବ୍ୟତୀତ ଡିଏଫଓ ମନୁ ଅଶୋକ ଭଟ୍ଟ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନେହା ଦାସ, ଏସିଏଫ ସସ୍ମିତା ସାହୁ, ଲଳିତ ନାଏକ, ତାପସରାୟ ଚୌଧୁରୀ, ତ୍ରିନାଥ ଗୁଆଲ, ପ୍ରହଲ୍ଲାଦ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ । ପୂର୍ବରୁ ଏହି ଅବସରରେ ବନ ବିଭାଗ ଦ୍ୱାରା ଆୟୋଜନ କରାଯାଇଥିବା ରଚନା, ଚିତ୍ରାଙ୍କନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରତିଯୋଗିତାର ପରିଚାଳନା ଆଶିଷ ଦାସ କରିଥିଲେ । ଏହାସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ପରିବେଶ ଦିବସ



ସମ୍ବଲପୁର: ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଅଶୋକ କୁମାର ମିଶ୍ରଙ୍କର ଅଧକ୍ଷତାରେ ଆୟୋଜିତ ସଭାରେ ପରିବେଶ ବିଜ୍ଞାନୀ ତଥା ଲୋଇସିଂହା ବିଧାୟକ ଡକ୍ଟର ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଓ ଚକ୍ଷୁ ବିଶେଷଜ୍ଞ ଡାକ୍ତର ସୁରେଶ ଚନ୍ଦ୍ର ଦାନୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସମ୍ପାଦକ ଡକ୍ଟର ସିଦ୍ଧାର୍ଥ ପଣ୍ଡା ସହ ଧନ୍ୟବାଦ ଅର୍ପଣ କରିଥିଲେ । ପରିବେଶ ଆବାହକ ଦିଲୀପ କୁମାର ବଘାର ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ସହସମ୍ପାଦକ ସୁରେଖା ସାହୁ ସମ୍ବର୍ଦ୍ଧନା ଜ୍ଞାପନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସାଂସ୍କୃତିକ ସମାଜ ପକ୍ଷରୁ ପରିବେଶ ଦିବସ ଉପଲକ୍ଷେ ପୂର୍ବରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣୀ ଉତ୍ସବକୁ କୋଷାଧକ୍ଷ ଦୀନବନ୍ଧୁ ପଣ୍ଡା ସଂଯୋଜନା କରିଥିଲେ । ସଭା ପୂର୍ବରୁ କରମଣ୍ଡଳ ଏକ୍ସପ୍ରେସ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କ ଆତ୍ମାର ସଦ୍‌ଗତି କାମନା କରି ନିରବ ପ୍ରାର୍ଥନା କରାଯାଇଥିଲା । ପ୍ରଫୁଲ୍ଲ କୁମାର ହୋତା, ଗୋପାଳ ଗୁପ୍ତା, ଲଳିତ ମୋହନ ବେବର୍ତ୍ତା ପ୍ରମୁଖ ସଦସ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra